୬ ନ୍ୟୁଜିଲାଣ୍ଡ ବିପକ୍ଷ ଓଡ଼ିଆଇ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

E-mail : sambadkalikanews@gmail.com

● ବର୍ଷ–୩୨ ● ସଂଖ୍ୟା–୩୩୭ ● ୪ ଜାନୁଆରୀ ୨୦୨୬, ରବିବାର ● ଭୁବନେଶ୍ୱର ● Vol -32 ● Issue-337 ● 4th January 2026, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଜନନାୟକ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ସମାରୋହ

# ଜାନକୀବାବୁ ରାଜ୍ୟ ରାଜନୀତିରେ ଅନେକଙ୍କ ପାଇଁ ପ୍ରେରଣାଦାୟୀ ଗୁରୁ






## ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀଙ୍କ ସମେତ ସବୁ ଦଳର ନେତା

**ଭୁବନେଶ୍ୱର, ୩।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ରାଜନୀତିରେ ଅନେକଙ୍କ ପାଇଁ ଜାନକୀବଲ୍ଲଭ ପଟ୍ଟନାୟକ ହେଉଛନ୍ତି ଜଣେ ପ୍ରେରଣାଦାୟୀ ଗୁରୁ। ତାଙ୍କ ଜୀବନୀରୁ ସମସ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ଶିକ୍ଷା ହେଉଛି, କୌଣସି ସମସ୍ୟାରେ ବିଚଳିତ ନହୋଇ ନିଜ କର୍ମମୟ ଜୀବନରେ ଆଗକୁ ବଢି ଚାଲିବା। ନିରନ୍ତର କର୍ମ ଓ ଧୈର୍ଯ୍ୟ ହେଉଛି ସଫଳତାର ଅନ୍ୟନାମ। ଶନିବାର ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ ପଡିଆରେ ଆୟୋଜିତ ଜନନାୟକ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ଅବସରରେ ତାଙ୍କ ପ୍ରତି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ଜାନକୀବଲ୍ଲଭ ହେଉଛନ୍ତି ଦୁଇଟି ଦିଗରୁ ପ୍ରଣମ୍ୟ। ପ୍ରଥମଟି ତାଙ୍କ ସାରସ୍ୱତ ଓ ସଂସ୍କୃତି ସଚେତନ ବ୍ୟକ୍ତିତ୍ୱ । ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି । ଦ୍ୱିତୀୟଟି ତାଙ୍କ ନେତୃତ୍ୱର ଦିଗ । ଧୈର୍ଯ୍ୟ, ଯଥାର୍ଥ ସାଙ୍ଗଠନିକ ଦକ୍ଷତା, ନିଷ୍ଠା ବଳରେ, ନିଜର ଜନସେବକ ଭୂମିକାକୁ ଅବ୍ୟାହତ ରଖିପାରିଲେ ଜଣେ ନେତୃତ୍ୱକୁ ଦୀର୍ଘଜୀବୀ କରିପାରିବ ବୋଲି ସେ ପ୍ରମାଣ କରିଛନ୍ତି। ତାଙ୍କର ସ୍ଥିତପ୍ରଜ୍ଞ ଗୁଣ ତାଙ୍କୁ ରାଜନୀତିରେ ଜଣେ ଧୁରନ୍ଧର ବ୍ୟକ୍ତିତ୍ୱଭାବେ ପ୍ରତିଷ୍ଠା ପ୍ରଦାନ କରିଥିଲା।

ଜାନକୀବଲ୍ଲଭ ପଟ୍ଟନାୟକ ଜଣେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ ପ୍ରତିଷ୍ଠିତ ରାଜନେତା, କୃତବିଦ୍ୟ ସାମ୍ବାଦିକ ଓ ସମ୍ପାଦକ, ସାରସ୍ୱତ ସାଧକ, ଅନୁବାଦକ ଏବଂ ପ୍ରସିଦ୍ଧ ପ୍ରାଚ୍ୟ-ବିଦ୍ୟା ବିଶାରଦ ।

ଜାନକୀବଲ୍ଲଭ ପଟ୍ଟନାୟକଙ୍କ ରାଜନୈତିକ ଜୀବନ ଉପରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜାନକୀ ବାବୁଙ୍କ ରାଜନୈତିକ ଜୀବନ ଥିଲା ଘଟଣାବହୁଳ। ୧୯୭୧ ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଜାନକୀ ବାବୁଙ୍କ ରାଜନୈତିକ ଇନିଂସ ଥିଲା ଉଲ୍ଲେଖନୀୟ। ସେ କେନ୍ଦ୍ରରେ ଉପମନ୍ତ୍ରୀ, ରାଷ୍ଟ୍ର ମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି । ଆମ ଓଡ଼ିଶାର ତିନି ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ବିରୋଧୀ ଦଳ ନେତା ଭାବରେ ପ୍ରଭାବୀ କାର୍ଯ୍ୟ କରିଛନ୍ତି। ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ଆସାମ ପ୍ରଦେଶର ରାଜ୍ୟପାଳ ଭାବରେ ଦାୟିତ୍ୱ ନେଇଛନ୍ତି। ଛାତ୍ର ରାଜନୀତିରେ ମଧ୍ୟ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ, ସାମ୍ବାଦିକତା ଓ ସାହିତ୍ୟର ରସାୟନ ଥିଲା ଜାନକୀବଲ୍ଲଭଙ୍କ ସହଜାତ ପ୍ରବୃତ୍ତି । ସେଥିପାଇଁ ୧୯୪୯ ମସିହାରୁ ସେ ସାମ୍ବାଦିକତାକୁ ବ୍ରତ ଓ ବୃତ୍ତି ଭାବରେ ଗ୍ରହଣ କରିଥିଲେ । ତରୁଣ ବୟସରେ ଦୁଇଟି ସମ୍ବାଦପତ୍ରର ସମ୍ପାଦକ ଦାୟିତ୍ୱ ନେବାର ଗୌରବ ଥିଲା ଏକ ବିରଳ ସଫଳତା।

ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଜଣେ ଉଚ୍ଚାଙ୍ଗ ସାହିତ୍ୟ ସାଧକ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୫୬ ମସିହାରେ ଜାନକୀ ବାବୁ ଲେଖିଥିବା 'ଗୌତମ ବୁଦ୍ଧ' ପୁସ୍ତକଟି (ପୃଷ୍ଠା ୭ରେ)

# ଅଟୋକୁ ଧକ୍କା ଦେଲା ଆମ ବସ୍ : ଜଣେ ମୃତ

**ଭୁବନେଶ୍ୱର, ୩।୧**
**ନ୍ୟୁଜ୍ ବ୍ୟୁରୋ**





ଜାତୀୟ ସଡ଼କ ସୁରକ୍ଷା ମାସ ଆରମ୍ଭରୁ ପୁଣି ଜୀବନ ନେଲା 'ଆମ ବସ୍' । ଭୁବନେଶ୍ୱର ରୁପାଲି ଟ୍ରାଫିକ୍ ଛକ ଉପରେ ଏକ ଅଟୋକୁ ପଛରୁ ଆମ ବସ୍ ଧକ୍କା ଦେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଡିସିପି ଜଗମୋହନ ମୀନା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ।

ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱର ରୁପାଲି ଛକରେ ଏକ ଅଟୋକୁ 'ଆମ ବସ୍' ଧକ୍କା ଦେଇଥିଲା । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ, ଆଗରେ ଥିବା ଆଉ ଏକ ବସ୍‌ରେ ଅଟୋଟି ଚାପି ହୋଇଯାଇଥିଲା । ଫଳରେ ଅଟୋଟି ଭାଙ୍ଗି ଚୁରମାର ହୋଇଯାଇଛି । ଅଟୋ ଭିତରେ ଥିବା ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ସେହିପରି ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଆହତଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଡିସିପିଙ୍କ ବୁଝାସୁଝା ପରେ ସ୍ଥିତି ନିୟନ୍ତ୍ରଣରେ ରହିଛି । (ପୃଷ୍ଠା ୭ରେ)

# ଚିଲିକା ପାଇଁ ୧୫୦୦ରୁ ୨ ହଜାର କୋଟିର ଡିପିଆର

**ଭୁବନେଶ୍ୱର, ୩।୧**
**ନ୍ୟୁଜ୍ ବ୍ୟୁରୋ**

ନୂଆରୂପ ପାଇବ ଚିଲିକା । ଚିଲିକାର ଆଖପାଖ ଅଞ୍ଚଳର ବିକାଶ କରାଯିବ। ଚିଲିକାକୁ ସମ୍ପୂର୍ଣ୍ଣ ଅବରୋଧ ମୁକ୍ତ କରାଯିବା ସହ ସୌନ୍ଦର୍ଯ୍ୟ କରଣ କରାଯିବ । ଚିଲିକା ପାଇଁ ୧୫୦୦ ରୁ ୨ ହଜାର କୋଟିର ଡିପିଆର ପ୍ରସ୍ତୁତ ହେଉଛି ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଚିଲିକା ହ୍ରଦ ରାମସାର ସାଇଡ ହିସାବରେ ବିଶ୍ୱରେ ପରିଚିତ । ଚିଲିକା ଆଉ ଥରେ ପୁନର୍ଜୀବିତ ହେବ । ବିଭିନ୍ନ ପର୍ଯ୍ୟାୟରେ ଚିଲିକା ଉନ୍ନୟନ ପରିଷଦ ଓ ଜଙ୍ଗଲ ଓ ପରିବେଶ ବିଭାଗ ସହିତ ଆଲୋଚନା ହୋଇଛି ।

ଏବେ ଆଇଆଇଟି ମାଡ୍ରାସ୍ ଓସନୋଗ୍ରାଫି ସହିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ତରଫରୁ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଖୁବଶୀଘ୍ର ଏଥିପାଇଁ ଡିପିଆର ପ୍ରସ୍ତୁତ ହେଉଛି । ବିଭିନ୍ନ ଦିଗକୁ ନେଇ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭୁବନେଶ୍ୱର ବିମାନବନ୍ଦରରେ ବିମାନ ଉଡାଣରେ ବିଳମ୍ବ।
- ବାଲେଶ୍ୱର ଗ୍ୟାସ ସିଲିଣ୍ଡର ବିସ୍ଫୋରଣ, ଜଣେ ମହିଳା ଗୁରୁତର।
- ରାଜ୍ୟରେ ସ୍ମାର୍ଟ ମିଟର ବସାଇବାକୁ ସରକାରୀ ପ୍ରସ୍ତୁତି।
- ଟିଟିଲାଗଡରେ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର, ତଦନ୍ତ ଆରମ୍ଭ।
- ଯାଜପୁରରେ ବ୍ରାଉନ୍ ସୁଗାର ଜବତ : ତିନି ଗିରଫ।
- କେନ୍ଦ୍ର ସରକାରଙ୍କ ନୂଆ ଆର୍ଥିକ ଯୋଜନା।
- ଦେଶରେ ନୂଆ ରେଳ ସେବା ଆରମ୍ଭ ପ୍ରସ୍ତୁତି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୫୮୨ (-୩୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୪୫୦ (-୩୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୧୮୭ (-୨୮)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୫୭ (-୩)

## ଓଡିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷା ବିଜ୍ଞପ୍ତି : ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ

# ୧୫୧ଟି ଅଧିକ ପଦବୀ ପୂରଣ ପାଇଁ ଓପିଏସସିକୁ ଅନୁରୋଧ

**ଭୁବନେଶ୍ୱର, ୩।୧ : ନ୍ୟୁଜ୍ ବ୍ୟୁରୋ**

ନିକଟରେ ଓଡିଶା ଲୋକସେବା ଆୟୋଗ ପକ୍ଷରୁ ଓଡିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ହେଲେ ଏଥିରେ ଓଏଏସ୍, ଓଆରଏସ୍ ଆଦି କେତେକ କ୍ୟାଡରରେ ଆଦୌ ପଦବୀ ନଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବାର ଖବର ପ୍ରକାଶିତ ହୋଇଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହି ସବୁ ପଦବୀ ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ଫଳରେ ଓଡିଶା ପ୍ରଶାସନିକ ସେବାରେ ୧୪ଟି, ଓଡିଶା ରାଜସ୍ୱ ସେବାରେ ୧୧୩ଟି, ଓଡିଶା ପରିବହନ ସେବାରେ ୧୬ଟି ଓ ଓଡିଶା ମଙ୍ଗଳ ସେବାରେ ୮ଟି ପଦବୀ ପୂରଣ ପାଇଁ ଓଡିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ସମୁଦାୟ ୧୫୧ଟି ଅଧିକ ପଦବୀ ପାଇଁ (ପୃଷ୍ଠା ୭ରେ)

## ଆଗାମୀ ୪ଦିନ ଯାଏଁ ଘନକୁହୁଡି

**ଭୁବନେଶ୍ୱର, ୩।୧ : ନ୍ୟୁଜ୍ ବ୍ୟୁରୋ**

ଶନିବାର ରାଜ୍ୟର ଅନେକ ଅଞ୍ଚଳରେ ଘନ କୁହୁଡ଼ି ଛାଇ ରହିଥିବାରୁ ସାରା ରାଜ୍ୟର ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୧୪ଟି ଜିଲ୍ଲା ପାଇଁ ଆଲର୍ଟ ଜାରି କରିଛି। ସକାଳ ପ୍ରାୟ ୧୦ଟା ପର୍ଯ୍ୟନ୍ତ ଦୃଶ୍ୟତା ଅତ୍ୟଧିକ କମ୍ ରହିଥିବାରୁ ସଡ଼କ ଯାତାୟାତ ଓ ଦୈନନ୍ଦିନ କାର୍ଯ୍ୟକଳାପ ଉପରେ ଖରାପ ପ୍ରଭାବ ପଡ଼ିଛି।

କମ୍ ଦୃଶ୍ୟତା ଯୋଗୁ ଜାତୀୟ ରାଜପଥ ଓ ସହରର ସଡ଼କରେ ଯାନବାହନ ଧୀର ଗତିରେ ଚଳାଚଳ କରୁଥିବା ଦେଖାଯାଇଛି । ଫଳରେ ଯାତ୍ରୀମାନେ ଗୁରୁତର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନେକ ସ୍ଥାନରେ ସକାଳ ସମୟରେ ଦୃଶ୍ୟତା (ପୃଷ୍ଠା ୭ରେ)

# ତାଳଚେର ଦେଶର ସର୍ବାଧିକ ପ୍ରଦୂଷିତ ସହର

**ଭୁବନେଶ୍ୱର, ୩।୧ : ନ୍ୟୁଜ୍ ବ୍ୟୁରୋ**

ତାଳଚେରରେ ବାୟୁ ପ୍ରଦୂଷଣ ଉତ୍କଟ ଆକାର ଧାରଣ କରିଛି। ଏହି ସହରର ପ୍ରଦୂଷଣ ଦିଲ୍ଲୀର ବାୟୁ ପ୍ରଦୂଷଣକୁ ମଧ୍ୟ ଟପି ଯାଇଛି। ଏବେ ତାଳଚେର ସମଗ୍ର ଦେଶରେ ସବୁଠାରୁ ପ୍ରଦୂଷିତ ସହର ହୋଇଛି। ଏହି ପରିପ୍ରେକ୍ଷୀରେ ଅନୁଗୁଳ ଜିଲ୍ଲାପାଳ ୭ ଦିନ ପାଇଁ ସହରରେ କଟକଣା ଜାରି କରିଛନ୍ତି। ତାଳଚେର ଟାଉନ ଭିତରେ ଭାରିଯାନ ଟ୍ରକ ପ୍ରବେଶକୁ ନିଷେଧ କରାଯାଇଛି। ମ୍ୟୁନିସିପାଲଟି,ଏମସିଏଲ ଆଉ ଏନଏଚଆଇ ମିଳିତ ଭାବେ ୩ଥର ରାସ୍ତା ଉପରେ ପାଣି ସିଞ୍ଚନ କରିବାକୁ ପରାମର୍ଶ ଜାରି ହୋଇଛି। କୋଇଲା ଜାଳିବା ଉପରେ ମଧ୍ୟ ନିଷେଧ କରାଯାଇଛି। ସହର ମଧ୍ୟରେ କୋଇଲା ଏବଂ ପାଉଁଶ ଟ୍ରକ ଚଳାଚଳକୁ ମଧ୍ୟ ନିଷେଧ କରାଯାଇଛି। ପାଲ ଭିଡାଯାଇ ନଥିବା କୌଣସି ଟ୍ରକ ଏନଏଚ ୧୪୯ ରେ ଯାତାୟାତକୁ ମଧ୍ୟ ନିଷେଧ କରାଯାଇଛି। ଅନୁଗୁଳ ଜିଲ୍ଲାପାଳ ଏହି ପ୍ରକାରେ ୧୨ଟି ସର୍ତ୍ତାବଳୀ ଜାରି କରିଛନ୍ତି।

# ଛତିଶଗଡରେ ଏନକାଉଣ୍ଟର : ୧୪ ମାଓବାଦୀ ନିପାତ



**ସୁକମା, ୩।୧**

ଛତିଶଗଡ଼ର ବସ୍ତର ରେଞ୍ଜରେ ନକ୍ସଲ ବିରୋଧୀ ଅପରେସନ ସମୟରେ ସୁରକ୍ଷା ବାହିନୀ ଶନିବାର ୧୪ ନକ୍ସଲଙ୍କ ମୃତଦେହ ଜବତ କରିଛି। ତନ୍ମଧ୍ୟରୁ ବିଜାପୁର ଜିଲ୍ଲାରୁ ଦୁଇ ଏବଂ ସୁକମା ଜିଲ୍ଲାରୁ ୧୨ ଶବ ଜବତ କରାଯାଇଛି ।

ଏନକାଉଣ୍ଟର ସ୍ଥଳରୁ ବିପୁଳ ମାତ୍ରାରେ ଏକେ-୪୭, ଇନସାସ, ଏସଏଲଆର ରାଇଫଲ୍ ଭଳି ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ଅତିରିକ୍ତ ପୋଲିସ ଅଧିକ୍ଷକ ଆକାଶ ରାଓ ଗିରପୁଞ୍ଜେଙ୍କ ହତ୍ୟାରେ ସମ୍ପୃକ୍ତ କୋଣ୍ଟାର ମାଙ୍ଗଟୁ (ଡିବିସିଏମ), ଏସିଏମ ହିତେଶଙ୍କ ସମେତ ୧୪ ନକ୍ସଲ ନିହତ ହୋଇଥିବା ପୋଲିସ ଅଧିକାରୀମାନେ ସୂଚନା ଦେଇଛନ୍ତି। ବିଜାପୁର ଜିଲ୍ଲାର ଗଗନପାଲି ଗ୍ରାମ (ବସାଗୁଡ଼ା ପୋଲିସ ଷ୍ଟେସନ) ଜଙ୍ଗଲରୁ ହୁଙ୍ଗା ମାଡ଼କାମ ସମେତ ଦୁଇ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଛତିଶଗଡ଼ର ସୁକମା ପୋଲିସ ଅଧିକ୍ଷକ କିରଣ ଚହ୍ୱାନ କହିଛନ୍ତି ଯେ, ବିଜାପୁର ଏବଂ ସୁକମା (ପୃଷ୍ଠା ୭ରେ)







# ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳା ଉଦ୍‌ଯାପିତ
# ବାଣିଜ୍ୟ ମେଳାର ୨୦୨୫ ସଂସ୍କରଣ ସଫଳ ହୋଇଛି- ମନ୍ତ୍ରୀ ସୂର୍ଯ୍ୟବଂଶୀ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**



ଭଦ୍ରକ ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ୨୦୨୫ ସଂସ୍କରଣ ସଫଳ ହୋଇଛି। ଭଦ୍ରକ ଅଂଚଳର ବ୍ୟବସାୟୀମାନଙ୍କ ପାଇଁ ଏହି ମେଳା ଏକ ବଡ ସୁଯୋଗ। ରାଜ୍ୟ ସରକାରଙ୍କ ଏମଏସଏମ୍‌ଇ ପକ୍ଷରୁ ଏହା ଏକ ବଡ ପଦକ୍ଷେପ। ଫର୍ଣ୍ଣିଚର ଠାରୁ ଆରମ୍ଭ କରି ହସ୍ତଶିଳ୍ପ ପର୍ଯ୍ୟନ୍ତ ଓ ଅନ୍ୟ ଫୁଡ୍ ଓ କୃଷିଜାତ ସାମଗ୍ରୀ ଏଠାରେ ଉପଲବ୍ଧ ହୋଇଛି। ବିଶେଷକରି ଭଦ୍ରକ ଜିଲା ଜନସାଧାରଣ ଶୀତ କାକରକୁ ଭ୍ରୁକ୍ଷେପ ନକରି ଏହି ମେଳାକୁ ଆସି ଯେଉଁଳି ଭାବେ ଖରିଦ ବିକ୍ରି କରିଛନ୍ତି, ତାହା ସ୍ୱାଗତଯୋଗ୍ୟ। ଭଦ୍ରକ ଅଞ୍ଚଳର ସ୍ୱଦେଶୀ ପ୍ରଥାକୁ ପ୍ରୋତ୍ସାହନ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରି ବାଣିଜ୍ୟ ମେଳାର ସମସ୍ତ ଆୟୋଜକଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଛନ୍ତି ମୁଖ୍ୟ ଅତିଥି ତଥା ଉଚ୍ଚଶିକ୍ଷା, ଯୁବ ବ୍ୟାପାର, କ୍ରୀଡା, ଓଡିଆ ଭାଷା ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ସଂସ୍ଥା ଓସ୍‌ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶୀତୁଆ ସନ୍ଧ୍ୟାର ଏହି ଉଦ୍‌ଯାପନୀ ଉତ୍ସବରେ ଓସମେର ଉପସଭାପତି ରାଜେଶ ମିଶ୍ର ମଂଚ ଆମନ୍ତ୍ରଣ କରିଥିବାବେଳେ ଓସ୍‌ମେର ସଭାପତି ସୁରଜ କୁମାର ସାହୁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ଓସ୍‌ମେର ଲେଡିଜ୍ ୱିଂଗ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବାପରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପୁରୀ ଶ୍ରୀ ଚୈତନ୍ୟ ଆଶ୍ରମର ସଂପାଦକ ତ୍ରିଦାନ୍ଦୀ ସ୍ୱାମୀ ଭକ୍ତି ବଲ୍ଲଭାଚାର୍ଯ୍ୟ ମହାରାଜ,କଟକ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓର ସହ ନିର୍ଦ୍ଦେଶକ ଶିବାନନ୍ଦ ନାୟକ, ରାଜ୍ୟ ଓସମେର ସଂପାଦକ ସାତ୍ୱିକ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ମେଳା ଆଗାମୀ ଦିନରେ ନିଶ୍ଚିତ ଭାବେ ସମଗ୍ର ରାଜ୍ୟରେ ଏକ ଦିଗବାରିଣି ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବିଏମ୍‌ର ସଭାପତି ସୁଶାନ୍ତ କୁମାର ନାୟକ, ବିବିଏମ୍‌ର ସଂପାଦକ ମନୋଜ କୁମାର ରାୟ, ବିବିଏମ୍‌ର ପୃଷ୍ଠପୋଷକ ଶଶିଶେଖର ବେହେରା ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳାକୁ ଆସିଥିବା ରାଜ୍ୟ ଓ ରାଜ୍ୟ ବାହାର ବ୍ୟବସାୟୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଏଠାକୁ ୭ ଦିନ ଧରି ଆସୁଥିବା ଜିଲାବାସୀଙ୍କୁ ସାଧୁବାଦ ଜଣାଇଥିଲେ। ଏହାପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିବିଏମର ପୃଷ୍ଠପୋଷକ ବସନ୍ତ କୁମାର ରାଉତ ଧନ୍ୟବାଦ ଦେବାପରେ ଜିଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଚୌଦ୍ୱାରରେ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଗାୟତ୍ରୀ ତୀର୍ଥ ଶାନ୍ତିକୁଞ୍ଜର ପ୍ରତିଷ୍ଠାତା ପଣ୍ଡିତ ଶ୍ରୀରାମ ଆଚାର୍ଯ୍ୟ ଓ ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତାବ୍ଦୀ ଓ ଅଖଣ୍ଡ ଦୀପ ଶତାବ୍ଦୀ ବର୍ଷ ପାଳନ ଅବସରରେ ଚୌଦ୍ୱାରରେ ରାଷ୍ଟ୍ର ଜାଗରଣ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ଆଗ୍ରାହାଟସ୍ଥିତ ଶନି ମନ୍ଦିର ପ୍ରାଙ୍ଗଣରେ ୨ ଦିନ ବ୍ୟାପି ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଙ୍ଗଳ କଳସ ଯାତ୍ରା, ଦୀପ ମହାଯଜ୍ଞ, ଯୁଗ ସଂଗୀତ, ପ୍ରବଚନ, ସାମୁହିକ ଆରତୀ, ଧ୍ୟାନ, ଜପ, ଯୋଗ, ସଂସ୍କାର, ଯଜ୍ଞରେ ପୂର୍ଣ୍ଣାହୁତି ଆଦି ଅଧ୍ୟାତ୍ମିକ କାର୍ଯ୍ୟକ୍ରମ ରୀତି ନୀତିରେ ଅନୁଷ୍ଠିତ ହୋଇଥିଲା । ଚୌଦ୍ୱାର ଅଖିଳ ବିଶ୍ୱଗାୟତ୍ରୀ ପରିବାର ମହାକାଶ ମହାକାଳ ପ୍ରଜ୍ଞା ମଣ୍ଡଳ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିବ୍ରାଜକ ସନ୍ୟାସୀ ଦାସ, କାଦମ୍ବିନୀ ମହାନ୍ତି, ସରୋଜ ମହାନ୍ତି, ପ୍ରଭାତୀ ପଟ୍ଟନାୟକ, ଅନୁପମା ସୁବୁଦ୍ଧିରାୟ, ସନ୍ତୋଷ ଜେନା, କୈଳାସ ଚନ୍ଦ୍ର ସାହୁ, ସତ୍ୟଜିତ ମହାନ୍ତି, ସୁଶାନ୍ତ ସିଂ, ମନୋଜ ମହାପାତ୍ର, ତିଲୋ□ମା ମୁଦୁଲି , ତପସ୍ୱିନୀ ରାଉଳ ପ୍ରମୁଖ ପରିଚାଳନା କରିଥିଲେ ।



# ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍କୁଲରେ ବଣ୍ଟନ ସାମଗ୍ରୀକୁ ଉଦ୍‌ଘାଟନ କଲେ ଜିଲ୍ଲାପାଳ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଜିଲ୍ଲାର ସ୍କୁଲ ମାନଙ୍କରେ କିଶୋର କିଶୋରୀଙ୍କ ପୁଷ୍ଟିକର ସ୍ୱାସ୍ଥ୍ୟ ସହିତ ଚକ୍ଷୁ ପରୀକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟର ପୁରୁଣା ଡାକ୍ତରଖାନା ସ୍ଥିତ ସମ୍ମିଳନୀ କକ୍ଷରେ IEC ସମ୍ମିଳିତ ସାମଗ୍ରୀକୁ ଉଦଘାଟନ କରିଛନ୍ତି । ଶାରୀରିକ ଓ ମାନସିକ ଅଭିବୃଦ୍ଧି, ଭାବନାତ୍ମକ କୁଶଳତା ଓ ମାନିସିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା, ପୋଷଣ ସ୍ୱାସ୍ଥ୍ୟ ଓ ପରିମଳ, ନାଗରିକତାର ମୂଲ୍ୟବୋଧ ଇତ୍ୟାଦି ଲେଖା ଥିବା ସଚେତନତା ବାର୍ତ୍ତା ଦ୍ୱାରା କିଶୋରୀ କିଶୋରୀ ନିଶ୍ଚିତ ଭାବେ ଉପକୃତ ହେବେ ବୋଲି ବୈଠକରେ ମତପୋଷଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋରଞ୍ଜନ ରାଉତ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅଧକ୍ଷ ଡା.ପ୍ରମୋଦ କୁମାର ପ୍ରହରାଜ, ଏଡିପିଏଚଓ (ପରିବାର କଲ୍ୟାଣ) ଡା. ସଚ୍ଚିଦା ନନ୍ଦ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଗୌରାଙ୍ଗ ଚରଣ ଗିରି, ସମେତ ଏଓ, ଏଫଓ, ଡିପିଏମ, ଡିପିଏଚସିଓ, ଏଡିଇଓ ଏବଂ ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଦ୍‌ଯାପିତ ହେଲା ଗୋନାସିକା-କେନ୍ଦୁଝର ମହୋତ୍ସବ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେଉଥିବା ବହୁ ପ୍ରତିକ୍ଷିତ 'ଗୋନାସିକା-କେନ୍ଦୁଝର ମହୋତ୍ସବ-୨୦୨୫' ଆଜି ଏକ ଭବ୍ୟ ପରିବେଶରେ ଉଦ୍ ?ଯାପିତ ହୋଇଯାଇଛି। ଏହି ମହୋତ୍ସବ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ଏକ ସୁନ୍ଦର ମାଧ୍ୟମ ସାଜିଥିଲା। ଅପରାହ୍ନ ୩ଟାରୁ ବିଭିନ୍ନ ସାଂସ୍କୃତିକ ଦଳଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କେନ୍ଦୁଝର ଜିଲ୍ଲା ସାଂସ୍କୃତିକ ସଂଘ, ଶିଷ୍ୟ ଡାନ୍ସ ଏକାଡେମୀ, ଏବଂ ସିରିସପାଳର ସାନ୍ତାଳୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହାସହ ଗଞ୍ଜାମର ରଣପା ଏବଂ ବଲାଙ୍ଗୀରର ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା। ହିମାଚଳ ପ୍ରଦେଶରୁ ଆସିଥିବା କଳାକାରଙ୍କ ଦ୍ୱାରା ପରିବେଷିତ 'ପଡୁଆଁ ଲୋକନୃତ୍ୟ' ଦର୍ଶକଙ୍କ ମନ କିଣି ନେଇଥିଲା। ରାତିରେ ଓଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ରୁକୁ ସୁନାଙ୍କ ସଙ୍ଗୀତରେ 'ଓଲିଉଡ ନାଇଟ୍' ଦର୍ଶକଙ୍କୁ ବେଶ୍ ଝୁମାଇଥିଲା। ମହୋତ୍ସବ ସହ ଚାଲିଥିବା ପଲ୍ଲୀଶ୍ରୀ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶହ ଶହ ଷ୍ଟଲରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ ସାମଗ୍ରୀର ଚାହିଦା ଖୁବ୍ ଅଧିକ ଥିଲା। ଲୋକମାନେ ଘରକରଣା ସାମଗ୍ରୀ କିଣିବା ସହ ବିଭିନ୍ନ ଓଡ଼ିଆ ବ୍ୟଞ୍ଜନର ମଜା ନେଉଥିବା ଦେଖିବାକୁ ମିଳିଥିଲା। ଉଦ୍ ?ଯାପନୀ ସନ୍ଧ୍ୟାରେ ମା' ତାରିଣୀ ଓ ପ୍ରଭୁ ବଳଦେବଜୀଉଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଶ୍ରୀଯୁକ୍ତ ଅନନ୍ତ ନାୟକ ଯୋଗଦେଇ କେନ୍ଦୁଝରର ଗୌରବମୟ ଇତିହାସ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ବିଶାଳ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାଗରିକା ସାହୁ, ପାଟଣା ବିଧାୟକ ଶ୍ରୀଯୁକ୍ତ ଅଖିଳ ଚନ୍ଦ୍ର ନାୟକ ମଧ୍ୟ ନିଜର ଅଭିଭାଷଣ ରଖିଥିଲେ । ଏହି ଅବସରରେ 'ରଜ କୁଇନ୍-୨୦୨୫' ବିଜେତାଙ୍କ ସମେତ ସ୍ୱେଚ୍ଛାସେବୀ ଓ ଆୟୋଜକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ମହୋତ୍ସବକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ବିଭାଗ ଓ ସର୍ବୋପରି କେନ୍ଦୁଝର ଜିଲ୍ଲାର ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ପ୍ରଦୂଷଣ ବୋର୍ଡ, ବନବିଭାଗ ଓ ପରିବେଶ ସମିତିର ମିଳିତ ଆନୁକୂଲ୍ୟରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

**କଟକ, ନ୍ୟୁଜ ବ୍ୟୁରୋ**

ବଡ଼ଚଣା ବ୍ଲକ ସମିଆ ଗ୍ରାମ ପଞ୍ଚାୟତର କଳକଳା ନେଚରନେଷ୍ଟ ପରିସରରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପ୍ରଦୂଷଣ ବୋର୍ଡ କଟକ, ବନବିଭାଗ ଓ ଜିଲ୍ଲା ପରିବେଶ ସମିତିର ମିଳିତ ଆନୁକୁଲ୍ୟରେ କାର୍ଯ୍ୟ କ୍ରମଟି ମଙ୍ଗଳବାରରେ କରାଯାଇଥିଲା । ଏଥିରେ ସହାୟକ ପରିବେଶ ବିଜ୍ଞାନୀ ବିଭୂତି ଭୂଷଣ ମହାନ୍ତି, ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି, ଓ ସ୍ଥାନୀୟ ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମା ଯୋଗ ଦେଇ ବଣ ଭୋଜି ସ୍ଥଳରେ ବ୍ୟବହାର କରାଯାଇ ଫୋପାଡି ଦେଉଥିବା ସମସ୍ତ ପ୍ରକାର ପ୍ଲାଷ୍ଟିକ ଦ୍ରବ୍ୟ ବର୍ଜନ ପାଇଁ ସଚେତନା ବାର୍ତ୍ତା ଦେବା ସହ ସମାଜ ଉପରେ ପଡୁଥିବା ଏହାର କୁପ୍ରଭାବ ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ବର୍ଜ୍ୟ ପ୍ଲାଷ୍ଟିକ ମୁକ୍ତ ବଣ ଭୋଜି ଅଞ୍ଚଳ ଭାବେ ପରିଚିତ କରିବା ପାଇଁ ସମୂହ ଶପଥ ପାଠ କରିଥିଲେ । ଲୋକ ମାନେ ହାତରେ ସଚେତନତା ମୂଳକ ପ୍ଲାକାର୍ଡ ଓ ବ୍ୟାନର ଧରି ସ୍ଲୋଗାନ ଦେଇଥିଲେ । ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଲୋକ ଯୋଗ ଦେଇଥିବା ବେଳେ ମିଳିତ ବିଭାଗର କର୍ମଚାରୀ ମାନେ କାର୍ଯ୍ୟ କ୍ରମକୁ ପରିଚାଳନା କରିଥିଲେ। ଶେଷରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନର ଅଂଶ ସ୍ୱରୂପ ସମସ୍ତଙ୍କୁ କପଡ଼ା ବ୍ୟାଗ ପ୍ରଦାନ କରାଯାଇଥିଲା।

# ସୋଆ ଆଇଡିଏସ୍ ପକ୍ଷରୁ ହ୍ୱାଇଟ କୋଟ ନ୍ୟୁ ଇୟର ଶପଥ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନ୍‌ସେସ୍ (ଆଇଡିଏସ୍) ପକ୍ଷରୁ ଗୁରୁବାର ନୂଆବର୍ଷ ପାଳନ ସହ ହ୍ୱାଇଟ କୋଟ ନୂଆବର୍ଷ ଶପଥ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଆସିଷ୍ଟାଂଟ ପ୍ରଫେସର ସୌମ୍ୟରନ ପାଡ଼ି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁ ନୂଆବର୍ଷ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ହ୍ୱାଇଟ କୋଟକୁ ଦାୟିତ୍ୱ ଏବଂ ସତ୍ୟତାର ପ୍ରତୀକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ନିଜ ବୃତିକୁ ଉତ୍ସର୍ଗୀକୃତ ଓ ନୈତିକତାର ସହ ପାଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନରେ ପ୍ରଥମ ଥର ପାଇଁ ନୂଆବର୍ଷରେ ହ୍ୱାଇଟକୋଟ ନୂଆବର୍ଷ ଶପଥ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଏହାକୁ ଏକ ବାର୍ଷିକ ପ୍ରଥା ଭାବେ ପାଳନ କରାଯିବ ବୋଲି ଡିନ୍ କହିଥିଲେ। ଏହି ଅବସରରେ ସମସ୍ତ ବିଭାଗୀୟ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ପ୍ରଫେସର ପାଢ଼ି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଫ୍ୟାକଲ୍ଟି ମେମ୍ବର୍ସ, ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ ଏବଂ ଇନଟର୍ଣ୍ଣ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ।

# ଗିରଫ ହେଲେ ବାରଙ୍ଗର କୁବେର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡା

**କଟକ, ନ୍ୟୁଜ ବ୍ୟୁରୋ**

ପୁଣି ଭିଜିଲାନ୍ସ ଜାଲରେ ସରକାରୀ ବାବୁ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କଟକ ଜିଲ୍ଲା ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କୁ ଭିଜିଲାନ୍ସ ଗିରଫ କରିଛି । ଖାନତଲାସିରୁ ଲକ୍ଷ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଜବତ କରିଛି ଭିଜିଲାନ୍ସ । ଆଜି (ବୁଧବାର) ତାଙ୍କୁ କୋର୍ଟରେ ହାଜର କରାଯିବ । ଭିଜିଲାନ୍ସ ସ୍ପେଶିଆଲ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା । ତଦନ୍ତ ସମୟରେ ବିପୁଳ ମାତ୍ରରେ ଆୟବହିର୍ଭୂତ ସମ୍ପତ୍ତି ରଖିଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଯାଞ୍ଚ ସମୟରେ ଭୁବନେଶ୍ୱରରେ ଦୁଇଟି ବହୁତଳ ପ୍ରାସାଦ (୮୦୦୦ ବର୍ଗଫୁଟ), ଉତ୍ତରା ଅଞ୍ଚଳରେ ଗୋଟିଏ ୨-ବିଏଚକେ ଫ୍ଲାଟ୍, ଖୋର୍ଦ୍ଧା ସହରରେ ଗୋଟିଏ ବହୁମହଲା କୋଠା (୪,୮୦୦ ବର୍ଗଫୁଟ) ସହିତ ୪ଟି ମୂଲ୍ୟବାନ ପ୍ଲଟ ଥିବା ନେଇ ଭିଜିଲାନ୍ସ ଜାଣିବାକୁ ପାଇଥିଲା। ସେହିପରି ଯାଞ୍ଚ ସମୟରେ ପ୍ରାୟ ୫୬୦ ଗ୍ରାମ ସୁନା, ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାରେ ମୋଟ ୩୬.୯୭ ଲକ୍ଷ ଟଙ୍କାର ଜମା, ବ୍ୟାଙ୍କରେ ତିନୋଟି ଲକର, ୭୩.୬୬ ଲକ୍ଷ ଟଙ୍କାର ନଗଦ ରାଶି ଓ ଗୋଟିଏ ଚାରି ଚକିଆ ଯାନ ମଧ୍ୟ ଜବତ କରାଯାଇଛି । ଜିତେନ୍ଦ୍ର କୁମାର ପଣ୍ଡାଙ୍କ ନିଜ ଘରୁ ୬.୨୦ ଲକ୍ଷ ନଗଦ ଟଙ୍କା ମିଳିଥିବା ବେଳେ ତାଙ୍କ ଶାଶୁଙ୍କ ଘରେ ଥିବା ଆଲମାରୀର ସିକ୍ରେଟ ଚାମ୍ବରରୁ ୬୬ ଲକ୍ଷରୁ ଅଧିକ ନଗଦ ଟଙ୍କା ମିଳିଥିଲା । ଏହି ସମସ୍ତ ସମ୍ପତ୍ତି ସମ୍ପର୍କରେ ସନ୍ତୋଷଜନକ ପ୍ରମାଣ ଦେଇପାରିନଥିବାରୁ ଜିତେନ୍ଦ୍ରଙ୍କୁ ଗିରଫ କରାଯାଇଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ଗତକାଲି (ମଙ୍ଗଳବାର) ହୋଇଥିବା ଚଢ଼ାଉରେ ୪ ଡିସିପି, ୭ ଇନିସପେକ୍ଟର, ଏଏସଆଇ ଙ୍କ ସହ ୧୦ ଜଣ ଅଫିସର ଓ କର୍ମଚାରୀ ସାମିଲ ହୋଇଥିଲେ । ଏହି ଘଟଣା ସଂପର୍କରେ ଭିଜିଲାନ୍ସ ସେଲ୍ ଥାନାର କେସ୍ ନମ୍ବର ୧୨/୨୦୨୫ ମାମଲା ରୁଜୁ କରାଯାଇଛି । ମାମଲାର ଆହୁରି ତଦନ୍ତ ଚାଲିଥିବା ବେଳେ, ଅଧିକ ସମ୍ପତ୍ତି ଓ ନେଣଦେଣ ସଂପର୍କିତ ତଥ୍ୟ ସାମ୍ନାକୁ ଆସିପାରେ ବୋଲି ଭିଜିଲାନ୍ସ କହିଛି । ସରକାରଙ୍କ ଥଇଥାନ ନିୟମ ଅନୁସାରେ, ଜିତେନ୍ଦ୍ରଙ୍କ ବାପାଙ୍କ ଦେହାନ୍ତ ପରେ ସେ ୧୯୯୫ ମସିହାରେ ପଶୁପାଳନ ଓ ପଶୁ ଚିକିତ୍ସା ବିଭାଗରେ ଲାବ ଟେକ୍ନିସିଆନ ଭାବେ ଚାକିରିରେ ଯୋଗ ଦେଇଥିଲେ । ଚାକିରି ଆରମ୍ଭ ସମୟରେ ସେ ୨୦୦୦ ଟଙ୍କ ମାସିକ ଦରମା ପାଉଥିଲେ । ୧୯୯୭ରେ ସେ ଭୁବନେଶ୍ୱର ଜୈବିକ ଉତ୍ପାଦ ପ୍ରତିଷ୍ଠାନକୁ ସିନିୟର ଲାବୋରେଟୋରୀ ଆସିଷ୍ଟାଣ୍ଟ ଭାବେ ବଦଳି ହୋଇ ଆସିଥିଲେ । ୨୦୨୦ ମେ' ମାସରେ ସେ ଓଡିଶା ରେଭିନ୍ୟୁ ସର୍ଭିସ (ଓଆରଏସ)କୁ ପଦୋନ୍ନତି ପାଇ ଭୁବନେଶ୍ୱରରେ ସବ୍ ରେଜିଷ୍ଟ୍ରାର୍ ଭାବେ ଯୋଗ ଦେଇଥିଲେ । ସେ ୨୦୨୧ରୁ ୨୦୨୩ ଯାଏଁ ପିପିଲିରେ ଅତିରିକ୍ତ ତହସିଲଦାର ଓ ପିପିଲି ସବ୍ ରେଜିଷ୍ଟ୍ରାର୍ ଥିଲେ । ୨୦୨୩ ଜୁଲାଇରୁ ଅଦ୍ୟାବଧି ସେ ବାରଙ୍ଗରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ । ୩୫ ବର୍ଷର କାର୍ଯ୍ୟକାଳ ମଧ୍ୟରେ ତାଙ୍କ ପାଖରୁ ଭିଜିଲାନ୍ସ ତିନି କୋଟିରୁ ଅଧିକ ସମ୍ପତ୍ତି ଜବତ କରିବା ସହିତ ତଦନ୍ତ ଜାରି ରଖିଛି ।

# ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସଂପାଦକ ହେଲେ ବିଜୟ

**କେନ୍ଦ୍ରାପଡା ନ୍ୟୁଜ ବ୍ୟୁରୋ**



ବିଜୁ ଜନତା ଦଳର ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କେନ୍ଦ୍ରାପଡାର ବିଜୟ କୁମାର ମଣ୍ଡଳଙ୍କୁ ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସଂପାଦକ ଭାବେ ମନୋନିତ କରିଥିବାରୁ ଶ୍ରୀ ମଣ୍ଡଳ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଗିନିଜ ବୁକ ଅଫ ୱାର୍ଲଡ ରେକର୍ଡରେ ସାନଭି ତରିତା ପ୍ରଧାନ

**ବରଗଡ଼, ନ୍ୟୁଜ ବ୍ୟୁରୋ**



ହାଇଦ୍ରାବାଦ ଠାରେ ୭୨୦୯ଜଣ କୁଚିପୁଡ଼ି କଳାକାର ଏକାଠି ହୋଇଥିଲେ ଏବଂ କେଦାରଗୌଲା ତିଲାନାର ଏକ ଚମତ୍କାର ପ୍ରଦର୍ଶନ କରିଥିଲେ । ସେ ମଧ୍ୟରେ ଗନିଆପାଲିର ଘନଶ୍ୟାମ ପ୍ରଧାନଙ୍କ ୭ ବର୍ଷୀୟା ନାତୁଣୀ ସାନଭି ତରିତା ପ୍ରଧାନଙ୍କ ଅଂଶ ଗ୍ରହଣରେ କେଦାରଗୌଲା ତିଲିନାର ଏକ ସୁନ୍ଦର ଉପସ୍ଥାପନା ଦେଇ ଗିନିଜ ବୁକ ଅଫ ୱାର୍ଲଡ ରେକର୍ଡରେ ନିଜ ନାମ ଦରଜ କରିଛନ୍ତି । ଏହା ଓଡ଼ିଶା ତଥା ବରଗଡ଼ ପାଇଁ ଗୌରବର ବିଷୟ । ସାନଭି ତାଙ୍କ ବାପା ସୂର୍ଯ୍ୟକାନ୍ତ ପ୍ରଧାନ, ମା ମୋନାଲିସା ପ୍ରଧାନ ଏବଂ ନୃତ୍ୟ ଶିକ୍ଷୟିତ୍ରୀ ନେହା ପଟ୍ଟନାୟକଙ୍କ ପ୍ରୟାସ ଯୋଗୁଁ ଏହି ସ୍ଥାନରେ ପହଞ୍ଚିଛନ୍ତି। ସାନଭିଙ୍କ ଏହି ସଫଳତା ରେ ପରିବାର ଓ ଶିକ୍ଷକ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ସୋଫିଆଙ୍କୁ ଦଳୀୟ ଚିହ୍ନର ଆବଶ୍ୟକତା ନାହିଁ: ମହମ୍ମଦ ମୋକିମ

**କଟକ, ନ୍ୟୁଜ ବ୍ୟୁରୋ**

କଟକରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ କଂଗ୍ରେସରୁ ବହିଷ୍କୃତ ନେତା ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ହୋର୍ଡିଂକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମହମ୍ମଦ ମୋକିମ। ସେ କହିଛନ୍ତି, ଏ ହୋର୍ଡିଂ ଆମେ ଲଗାଇନାହୁଁ। କେହି ସମର୍ଥକ ଲଗାଇଥାଇପାରନ୍ତି। ଏଥିରେ କିଛି ଅସୁବିଧା ନାହିଁ। ସୋଫିଆଙ୍କୁ ଦଳୀୟ ଚିହ୍ନର ଆବଶ୍ୟକତା ନାହିଁ। ସମର୍ଥକ ଆମକୁ ଅଲଗା କରିନାହାନ୍ତି। ମହମ୍ମଦ ମୋକିମ ଆହୁରି କହିଛନ୍ତି, ବିଜେଡିର ଅସନ୍ତୁଷ୍ଟମାନେ ମୋ ସହ ଯୋଗାଯୋଗରେ ଅଛନ୍ତି। ବିଜେଡିରେ ତୀବ୍ର କନ୍ଦଳ ଚାଲିଛି। ମାର୍ଚ୍ଚରେ ରାଜ୍ୟସଭା ନିର୍ବାଚନ ବେଳେ ବିଜେଡି କନ୍ଦଳ ଆହୁରି ତୀବ୍ର ହେବ। ଏହା ଉପରେ ଆମେ ନଜର ରଖିଛୁ। କଂଗ୍ରେସରେ ବି ବହୁ ନେତା ଅବହେଳାର ଶିକାର ହୋଇଛନ୍ତି। ସେମାନେ ଆମ ସହ ଯୋଗାଯୋଗରେ ଅଛନ୍ତି। ଏପିରକି ନୂଆ ବର୍ଷରେ କିଛି ନୂଆ ଘଟିବ ବୋଲି ମୁଁ ଆଶା ରଖିଛି। ନୂଆବର୍ଷ ପୂର୍ବରୁ ରାଜନୀତିରେ ନୂଆମୋଡ଼। ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ହୋର୍ଡିଂରେ ନାହିଁ ହାତ ଚିହ୍ନ। ଏପରିକି ସୋଫିଆଙ୍କ ହୋର୍ଡି, ପୋଷ୍ଟରରେ ଦଳୀୟ ଚିହ୍ନ ନାହିଁ କି କଂଗ୍ରେସ ନେତୃତ୍ୱର ଫଟୋ ବି ନାହିଁ। ହୋର୍ଡିଂରେ ରହିଛି ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଓ ବର୍ତ୍ତମାନର ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଫଟୋ। କଟକର ବିଭିନ୍ନ ସ୍ଥାନରେ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ନୂଆବର୍ଷ ଅଭିନନ୍ଦନ ହୋର୍ଡିଂ ଦେଖିବାକୁ ମିଳିଛି । ସୋଫିଆଙ୍କ ହୋର୍ଡିଂ ସହ କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମଙ୍କ ନୂଆବର୍ଷରେ ନୂଆ ଆଞ୍ଚଳିକ ଦଳ ଗଠନ ଚର୍ଚ୍ଚାକୁ ଯୋଡ଼ି ଦେଖାଯାଉଛି । କଂଗ୍ରେସ ସହ ମୋକିମ ବିବାଦ ଓ ନୂଆ ଆଞ୍ଚଳିକ ଦଳ ଗଠନ ରାଜନୈତିକ ମହଲରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ଏପରି ସମୟରେ ସୋଫିଆଙ୍କ ହୋର୍ଡିଂ ଚର୍ଚ୍ଚାକୁ ସରଗରମ କରିଛି। କିଛି ଦିନ ତଳେ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖି କଂଗ୍ରେସ ନେତୃତ୍ୱ ଓ ପିସିସି ସଭାପତିଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ ମହମ୍ମଦ ମୋକିମ । ଏହାକୁ ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ଦଳର ପ୍ରାଥମିକ ସଦସ୍ୟ ପଦରୁ ମୋକିମଙ୍କୁ ବିଦା କରିଛି ଦଳ। କିଛି ଅସନ୍ତୁଷ୍ଟଙ୍କୁ ନେଇ ମୋକିମ ନୂଆ ଦଳ ଗଢ଼ିବେ ବୋଲି ଶୁଣାଯାଉଛି। ହେଲେ କଟକର ରାଜରାସ୍ତା ଗଳି କନ୍ଦିରେ ଲାଗିଥିବା ହୋର୍ଡିଂ କିଏ ମାରିଛି ତାହା ସ୍ପଷ୍ଟ ହୋଇପାରି ନାହିଁ । ଦଳ ବିରୋଧୀ କାର୍ଯ୍ୟକଳାପ ଲାଗି ମହମ୍ମଦ ମୋକିମ୍ କଂଗ୍ରେସରୁ ବହିଷ୍କୃତ ହୋଇଥିଲେ। ମହମ୍ମଦ ମୋକିମ୍ ଚିଠି ଜରିଆରେ ସୋନିଆ ଗାନ୍ଧୀଙ୍କୁ ଯେଉଁ ଆବେଦନ କରିଥି ?ଲେ, ତାହା ଅଗ୍ରାହ୍ୟ ହୋଇଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରସ୍ତାବକ୍ରମେ ଏଆଇସିସି ମହମ୍ମଦ ମୋକିମ୍‌ଙ୍କୁ କଂଗ୍ରେସରୁ ବହିଷ୍କାର ଲାଗି ଅନୁମୋଦନ କରିଥିଲା। ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ ହୋଇଥିଲେ ମୋକିମ୍। ଏନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଚିଠି ଜରିଆରେ ସୂଚନା ଦେଇଥାଲେ।

# ଚୌଦ୍ୱାର କଲେଜ ଉଭିଦବିଜ୍ଞାନ ବିଭାଗ ବାର୍ଷିକ ସେମିନାର

ଚୌଦ୍ୱାର, **ନ୍ୟୁଜ ବ୍ୟୁରୋ** ଚୌଦ୍ୱାର କଲେଜ ଉଭିଦ ବିଜ୍ଞାନ ବିଭାଗର ବାର୍ଷିକ ସେମିନାର କଲେଜ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଅଧକ୍ଷା ରଶ୍ମୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ରଞ୍ଜନ କୁମାର ମହନ୍ତ ବିଷୟ ବିଶାରଦ ଭାବେ ଯୋଗଦେଇ 'କାହିଁକି ଖଇବା ଏବଂ ଖାଦ୍ୟ ହଜମର ରହସ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରି ଖାଦ୍ୟ ଖାଇବାର ପ୍ରଣାଳୀ, ଉଭିଦରେ ଥିବା ମୌଳିକ ଉପାଦାନ ଓ ହଜମ ପ୍ରକ୍ରିୟ ଆଦି ସମ୍ପର୍କରେ ପିଲା ମାନଙ୍କୁ ବୁଝାଇଥିଲେ । ବିଭାଗୀୟ ମୁଖ୍ୟ ଡ. ସସ୍ମିତା ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅଧାପିକା କ୍ରୀଷ୍ଣା କାବେରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସେମିନାର ସେକ୍ରେଟାରୀ ମଧୁମିତା ସାହୁ ବିବରଣୀ ପାଠ କରିଥିଲେ । ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଲହରୀ ଲୋପାମୁଦ୍ରା ରାଉତରାୟ ଏବଂ ବିଜୟ କୁମାର ସେଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକୁ ନିନ୍ଦା କଲା ଆଠଗଡ ବିଜେପି

ଆଠଗଡ, **ନ୍ୟୁଜ ବ୍ୟୁରୋ** ଆଠଗଡରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତକୁ ନେଇ ଆଠଗଡ ବିଜେଡି ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କୁଶପୁତ୍ତଳିକା ଦାହକୁ ନେଇ ଆଠଗଡ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ନିନ୍ଦା କରିଛନ୍ତି । ଅଯଥାରେ କୌଣସି କାରଣ ନଥାଇ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ବହୁ ବର୍ଷ ଧରି ସ୍ୱାସ୍ଥ୍ୟସେବା ଯୋଗାଇ ଦେଇପାରୁ ନାହିଁ ସେଥିପାଇଁ ପୂର୍ବତନ ସରକାର ଓ ଆଠଗଡ଼ ବିଧାୟକ ଦାୟୀ ବୋଲି ପ୍ରକାଶ କରିଥିଲେ । ପୂର୍ବତନ ସରପଞ୍ଚ ନୂତନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଫଳକ ଭଙ୍ଗାର କାରଣ ସ୍ପଷ୍ଟ କରିଥିଲେ ନୂତନ ଗୃହଟି ସରକାରୀ ଦଳର ମନ୍ତ୍ରୀ କିମ୍ବା ସାଂସଦ ଉଦ୍ଘାଟନ କରିଥିଲେ ଆଠଗଡ଼ର ବିକାଶ ପାଇଁ କିଛି ଅନୁଦାନ ଦାବି କରିଥାନ୍ତୁ । ତରବରିଆ ଭାବେ ବିଧାୟକ ଏହାକୁ ଉଦ୍ଘାଟନ କରିଥିବାରୁ ଏହାକୁ ବିରୋଧ କରାଯାଇଛି ଏବଂ ଆଗକୁ ଏଭଳି କଲେ ସେହିଭଳି ବିରୋଧ କରାଯିବା ବୋଲି ପରୋକ୍ଷରେ ଚେତାବନି ଦେଖିଛନ୍ତି । ବିଜେପି ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀରେ ତପନ କୁମର ଲେଙ୍କା, ପୁର୍ବତନ ସରପଞ୍ଚ ବିଚିତ୍ରାନନ୍ଦ ସେଠି, ଗୋଲଖ ବିହାରୀ ସ୍ୱାଇଁ ଏବଂ ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ପାଇଁ ଛାତ୍ରୀଙ୍କ ଧାରଣା

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟର ସର୍ବ ପୁରାତନ ମହିଳା କଲେଜ ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟ । ବୟସ ୧୧୨ ଛୁଇଁଲାଣି ।ଏତେ ବର୍ଷ ପରେ ବି କାହିଁକି ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁନି ? କେବେ ମିଳିବ ମାନ୍ୟତା ବଢୁଛି ଅସନ୍ତୋଷ । ତେଜୁଛି ରାଜନୀତି । ଜୋର ଧରିଲାଣି ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି । କିଛି ଦିନ ଧରି ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀମାନେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଅଭିଯାନ ଆରମ୍ଭ କରିଥିଲେ । ଏବେ ଆଗକୁ ଆସିଛନ୍ତି ଛାତ୍ରୀ । ସୋମବାର ଅଭିଯାନକୁ ସମର୍ଥନ କରି ସାମିଲ ହୋଇଛନ୍ତି ହଜାରେରୁ ଅଧିକ ଛାତ୍ରୀ । କଲେଜ ସାମ୍ନାରେ ଏକାଠି ହୋଇ ଦାବି ସପକ୍ଷରେ ନାରାବାଜି କରିବା ସହ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି । ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ଦିଆଯିବାର କାର୍ଯ୍ୟକ୍ରମ ରହିଛି ।ସମାନ ଦାବିରେ ପୋଷ୍ଟକାର୍ଡ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି । କଟକ ସହରର ବୁଦ୍ଧିଜୀବୀ, ସାଧାରଣ ନାଗରିକ ଓ ଛାତ୍ରୀମାନେ ଏହି ପୋଷ୍ଟକାର୍ଡରେ ଦାବି ଲେଖି ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ନିକଟକୁ ପଠାଇବେ। ୧୯୧୩ ମସିହାରେ ଓଡ଼ିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ମହିଳା କଲେଜ ଭାବରେ ପ୍ରତିଷ୍ଠା ହୋଇଥିଲା ଶୈଳବାଳା ମହିଳା କଲେଜ । ୧୧୨ ବର୍ଷର ଏହି ପୁରାତନ କଲେଜ ନାରୀ ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି । ଏଠାରୁ ଶିକ୍ଷା ଗ୍ରହଣ କରି ଅନେକ ଓଡ଼ିଆ ଝିଅ ଦେଶ ବିଦେଶରେ ନାଁ କରିଛନ୍ତି । ମାତ୍ର ରାଜ୍ୟର ସର୍ବପୁରାତନ ମହିଳା କଲେଜକୁ ଯେଉଁ ସମ୍ମାନ ମିଳିବା କଥା ତାହା ଆଜି ସୁଦ୍ଧା ମିଳିପାରିନି । ଯାହାକୁ ନେଇ ଅସନ୍ତୋଷର ସ୍ୱର ତୀବ୍ର ହେଉଛି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ଧ୍ୟାନ ଦେବାକୁ ଦାବି ହୋଇଛି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ସାଉଦି ଆରବ-ୟୁଏଇ ମଧ୍ୟରେ ଭୟଙ୍କର ଯୁଦ୍ଧ ! ୟେମେନରେ ଏୟାରଷ୍ଟ୍ରାଇକ୍‌ରେ ୨୦ ମୃତ

ୟୁଏଇ ଏବଂ ସାଉଦି ଆରବ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଛି । ୟେମେନରେ ସାଉଦି ନେତୃତ୍ୱାଧୀନ ମେଣ୍ଟର ଏୟାରଷ୍ଟ୍ରାଇକରେ ୨୦ରୁ ଅଧିକ ବିଚ୍ଛିନ୍ନତାବାଦୀଙ୍କ ମୃତ୍ୟୁ ହୋଇଛି । ରୁଷ୍-ୟୁକ୍ରେନ୍, ଇସ୍ରାଏଲ-ହମାସ ମଧ୍ୟରେ ଶାନ୍ତି ଫେରିନାହିଁ। ଏହାରି ଭିତରେ ଭୟଙ୍କର ଯୁଦ୍ଧମୁହାଁ ଆଉ ଦୁଇ ଦେଶ । ସାଉଦି ଆରବ ଏବଂ ୟୁଏଇ ମଧ୍ୟରେ ଯୁଦ୍ଧ ହୋଇଛି । ୟୁଏଇ ଏବଂ ସାଉଦି ଆରବ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଛି। ୟେମେନ ଉପରେ ସାଉଦି ଆରବ ପୁଣି ଏୟାରଷ୍ଟ୍ରାଇକ କରିଛି । ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସମର୍ଥିତ ବିଚ୍ଛିନ୍ନତାବାଦୀଙ୍କ ଗୋଷ୍ଠୀ ଉପରେ ଆକ୍ରମଣ କରାଯାଇଛି । ଏଥିରେ ଅତିକମରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟ ହସ୍ତଗତ ହୋଇଛି । ଏହି ବିଚ୍ଛିନ୍ନତାବାଦୀମାନେ ୟେମେନର ବିପୁଳ ଅଞ୍ଚଳକୁ ଦଖଲରେ ରଖିଛନ୍ତି । ୟେମେନରେ ଦୀର୍ଘ ଦିନ ଧରି ଚାଲିଥିବା ସଂଘର୍ଷ ପୁଣି ଥରେ ହିଂସାତ୍ମକ ମୋଡ଼ ନେଇଛି । ସାଉଦି ନେତୃତ୍ୱାଧୀନ ଏକ ସାମରିକ ମେଣ୍ଟ ୟୁଏଇ ସମର୍ଥିତ ଦକ୍ଷିଣ ଟ୍ରାଞ୍ଜିସନାଲ କାଉନସିଲର ସ୍ଥାନଗୁଡ଼ିକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ କରିଛି । ଆକ୍ରମଣରେ ଅତି କମରେ ୨୦ ଜଣ ବିଚ୍ଛିନ୍ନତାବାଦୀଙ୍କ ମୃତ୍ୟୁ ହୋଇଛି । ଏହି କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ଆସିଛି ଯେତେବେଳେ ସଂଯୁକ୍ତ ଆରବ ଏମିରେଟ୍ସ ସମ୍ପ୍ରତି ୟେମେନରେ ଏହାର ସାମରିକ ଉପସ୍ଥିତି ସମାପ୍ତ କରିବାକୁ ଘୋଷଣା କରିଛି । ଏଏଫପି ଏକ ରିପୋର୍ଟ ଅନୁଯାୟୀ, ହାଦ୍ରାମାଉଥ ପ୍ରଦେଶର ସେୟୁନ୍ ଏବଂ ଅଲ୍-ଖାଶା ଅଞ୍ଚଳରେ ଥିବା ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରାଯାଇଛି । ଏହି ଆକ୍ରମଣଗୁଡ଼ିକ ଏକ ସାମରିକ ଘାଟି ଏବଂ ଏକ ବିମାନବନ୍ଦରକୁ ମଧ୍ୟ ଟାର୍ଗେଟ କରି ଏହି ଅଞ୍ଚଳରେ ବିମାନ ଚଳାଚଳକୁ ଅଚଳ କରିଦେଇଥିଲା । କିଛି ଘଣ୍ଟା ପର୍ଯ୍ୟନ୍ତ ବିମାନ କାର୍ଯ୍ୟ କରିପାରି ନ ଥିଲା, ଯାହା ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା । ଦକ୍ଷିଣ ଟ୍ରାନ୍ସିନାଲ୍ କାଉନସିଲର ଅଧିକାରୀମାନେ କହିଛନ୍ତି ଯେ ମୃତକମାନେ ସମସ୍ତେ ଏହି ସାମରିକ ଘାଟିଗୁଡ଼ିକରେ ନିୟୋଜିତ ଥିଲେ । ଗତ କିଛି ମାସ ମଧ୍ୟରେ ଏହା ପ୍ରଥମ ଥର ପାଇଁ STC ଘାଟିଗୁଡ଼ିକୁ ସିଧାସଳଖ ଟାର୍ଗେଟ କରାଯାଇଛି । ୟୁଏଇ ପ୍ରତ୍ୟାହାର ଏବଂ ବୃଦ୍ଧି ପାଉଥିବା ଉତ୍ତେଜନା- ଏହି ଏୟାରଷ୍ଟ୍ରାଇକ ପୂର୍ବରୁ, UAE ଘୋଷଣା କରିଥିଲା ଯେ, ସେ ୟେମେନରୁ ତାର ଶେଷ ସାମରିକ ସୈନ୍ୟ ପ୍ରତ୍ୟାହାର କରିନେଇଛି । ଆବୁଧାବି ସ୍ପଷ୍ଟ କରିଥିଲା ଯେ, ସେ ଏହି ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବାକୁ ଚାହୁଁଛି। ତଥାପି, ମୁକାଲ୍ଲା ବନ୍ଦର ଉପରେ ଆକ୍ରମଣ ସମ୍ପର୍କରେ ମଧ୍ୟ ବିବାଦ ଉପୁଜିଥିଲା, ଯେଉଁଠାରେ ଏକ ଅସ୍ତ୍ରଶସ୍ତ୍ର ପଠାଣକୁ ଟାର୍ଗେଟ କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା । UAE ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛି । STCର ଅଭିଯୋଗ ଏବଂ ସାଉଦି ପକ୍ଷର ଜବାବ୍- ଦକ୍ଷିଣ ପରିଷଦର ନେତାମାନେ ସାଉଦି ସମର୍ଥିତ ବାହିନୀ ଉପରେ ବିଶ୍ୱାସଘାତକତା କରିଥିବା ଅଭିଯୋଗ କରିଛନ୍ତି । ସେମାନେ କହିଛନ୍ତି ଯେ, ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ସାମରିକ ଘାଟିଗୁଡ଼ିକର ନିୟନ୍ତ୍ରଣ ନେବାକୁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ତୁରନ୍ତ ପରେ ଆକ୍ରମଣ କରାଯାଇଥିଲା । ଜଣେ ସଦର୍ଣ୍ଣ ଟ୍ରାନଜିସନାଲ କାଉସିଲ ମୁଖପାତ୍ର ଅସ୍ତତ୍ୱର ଲଢେଇ ବୋଲି କହିଛନ୍ତି । ସାଉଦି ସାମରିକ ସୂତ୍ରଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ, ଯଦି STC ତାର ଲଢୁଆମାନଙ୍କୁ ପ୍ରତ୍ୟାହାର ନ କରେ ତେବେ ଆକ୍ରମଣ ଜାରି ରହିପାରେ ।

# ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜା



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ–୮୮୯୫୧୯୦୪୭୫

ଦେବ, ନର, ବାନର, ନାଗ ଓ ଅସୁର ବିଭିନ୍ନ ବର୍ଗର ଧନୁକୁ ଶ୍ରେଷ୍ଠ ଅସ୍ତ୍ର ରୂପେ ବ୍ୟବହାର କରି ନିଜର ଶକ୍ତି, ସାମର୍ଥ୍ୟ, ଶୌର୍ଯ୍ୟ, ବୀର୍ଯ୍ୟ,ଧୈର୍ଯ୍ୟର ଚରମ ନିଦର୍ଶନ ପ୍ରଦର୍ଶନ କରିଥିଲେ । ଧନୁକୁ ନେଇ ଅନେକ ଯାତ୍ରା, ଉତ୍ସବ, ମହୋତ୍ସବ, ପ୍ରଭୃତି ପୁରାଣ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ପାଳନ କରାଯାଇ ଆସୁଅଛି । ପୌଷ ମାସରେ ଧନୁଯାତ୍ରା ଆୟୋଜିତ ହୁଏ । ପୌଷମାସର ସଂକ୍ରାନ୍ତି ଧନୁ ସଂକ୍ରାନ୍ତି ନାମରେ ଖ୍ୟାତ । ଏହି ସମୟରେ ଧନୁମୁଆଁ ପ୍ରସ୍ତୁତ କରାଯାଏ । ନୟାଗଡ ରାଜଦରବାରର କବି ଉତ୍କଳ ଘଣ୍ଟା ଯଦୁମଣି ମହାପାତ୍ର ହାସ୍ୟ ରସାତ୍ମକ ଶୈଳିରେ ରାଜାଙ୍କ ଉଦେଶ୍ୟରେ ଧନୁମୁଆଁ କଥା ଉଲ୍ଲେଖ କରିଛନ୍ତି-

ଧନୁମାସ ଗଲା ହନୁ ନ ଚଳିଲା
କହିବାକୁ ବଡ ଲାଜ
ମୁଆଁ ଖାଇବାକୁ ମୁଁ ଆଁ କରିଅଛି
ଆଜ୍ଞା ହେଉ ଦେବରାଜ

ପୁରାଣ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ଧନୁ ଏକ ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ଆସୁଅଛି । ଆଦିବାସୀ ସମାଜରେ ବର୍ତ୍ତମାନ ମଧ୍ୟ ଧନୁକୁ ମୁଖ୍ୟ ଅସ୍ତ୍ର ରୂପେ ବ୍ୟବହାର କରାଯାଉଅଛି । ଧନୁର ମହିମା ଓ ମାହାତ୍ମ୍ୟ ଅସାଧାରଣ । ରାମାୟଣ ଓ ମହାଭାରତ ଯୁଗରେ ଧନୁ ଅସ୍ତ୍ରର ବହୁଳ ବ୍ୟବହାର ଦେଖିବାକୁ ମିଳେ। ବୃଷଧ୍ୱଜ ରାଜା ଯଜ୍ଞ କରିଥିବା କୁଣ୍ଡରେ ଏକ ବାଉଁଶ ଗଛ ଜନ୍ମଲାଭ କଲା । ବ୍ରହ୍ମା ଏହି ବାଉଁଶ ଗଛକୁ କାଟି ସାତ ଖଣ୍ଡରେ ପରିଣତ କଲେ । ପ୍ରଥମ ଖଣ୍ଡରେ ଶିବଧନୁ ପିନାକ, ଦ୍ୱିତୀୟ ଖଣ୍ଡରେ ଇନ୍ଦ୍ରଙ୍କ ଧନୁ ଆଦ୍ରାବଳୀଧନୁ, ତୃତୀୟ ଖଣ୍ଡରେ ନାରାୟଣଙ୍କ ପାଇଁ ସାରଙ୍ଗଧନୁ, ଚତୁର୍ଥ ଖଣ୍ଡରେ ପର୍ଶୁରାମଙ୍କ ବୈଷ୍ଣବଧନୁ, ପଞ୍ଚମ ଖଣ୍ଡରେ ଶ୍ରୀରାମଙ୍କ ପାଇଁ କୋଦଣ୍ଡଧନୁ, ଷଷ୍ଠ ଖଣ୍ଡରେ ଅର୍ଜୁନଙ୍କ ଗାଣ୍ଡିବଧନୁ ଓ ସପ୍ତମ ଖଣ୍ଡରେ ବଂଶୀ ପ୍ରସ୍ତୁତ କଲେ । ପୁରାଣ ଯୁଗରେ ଧନୁକୁ ନେଇ ଦୁଇଟି ଯାତ୍ରା ଆୟୋଜିତ ହୋଇଥିଲା । ତ୍ରେତୟା ଯୁଗରେ ମିଥିଳା ନଗରୀରେ ରାଜା ଜନକ ଦ୍ୱାରା ଅନ୍ୟଟି ଦ୍ୱାପର ଯୁଗରେ ମହାରାଜା କଂସ ନିଜର ଭଣଜାକୁ ବିନାଶ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ ଅଭିସନ୍ଧି ରଖି ଧନୁଯାତ୍ରା ଉତ୍ସବ ଆୟୋଜନ କରିଥିଲେ । ବର୍ତ୍ତମାନ ଏହି ଦୁଇ ଯାତ୍ରା ପୌଷ ମାସରେ ପାଳନ କରାଯାଉଅଛି । ଚୈତ୍ର ଶୁକ୍ଳ ନବମୀ ତିଥିରୁ କିଛିଦିନ ପର୍ଯ୍ୟନ୍ତ ଓଡିଶାର ବିଭିନ୍ନ ଅଞ୍ଚଳରେ ରାମ ଲୀଳା ମାଧ୍ୟମରେ ଧନୁଯାତ୍ରା ଆୟୋଜିତ ହେଉଅଛି । ଅନ୍ୟଟି ପୌଷ ଶୁକ୍ଳ ଚତୁର୍ଥୀ ଠାରୁ ପୂର୍ଣ୍ଣମା ପର୍ଯ୍ୟନ୍ତ ଦୀର୍ଘ ୧୧ ଦିନ ଧରି ପାଳନ କରାଯାଏ । ମୁଖ୍ୟତଃ ପଶ୍ଚିମ ଓଡିଶାରେ ପୁରାଣ ପ୍ରସିଦ୍ଧ କଂସ ମହାରାଜାଙ୍କର ଦ୍ୱାପର ଯୁଗରେ ଆୟୋଜିତ ହୋଇଥିବା ଧନୁଯାତ୍ରା ପାଳିତ ହେଉଥିବାର ଦେଖାଯାଏ । ବଲାଙ୍ଗୀର ଭାଲେର ଗ୍ରାମର ଭାଗବତ ସାହୁଙ୍କ ଘରେ ଧନୁଯାତ୍ରା ୧୯୨୧ମସିହାରୁ ପାଳିତ ହେଉଥିଲା । କିନ୍ତୁ ୨୦୦୫ ମସିହାରୁ ଗ୍ରାମବାସୀଙ୍କ ସହଯୋଗରେ ୭ଦିନ ଧରି ପାଳିତ ହେଉଅଛି । ସମ୍ଭବତଃ ଭାଲେର ଗ୍ରାମର ଧନୁଯାତ୍ରା ପଶ୍ଚିମ ଓଡିଶାର ସର୍ବ ପୁରାତନ ଧନୁଯାତ୍ରା ଯାହା ୧୦୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରମ କରିସାରିଛି । ଭାଲେର ଗ୍ରାମ ଗୋପପୁର ଓ ବଲାଙ୍ଗୀର ସହରର ଐତିହାସିକ କୋଶଳ କଳା ମଣ୍ଡଳ ପଡିଆ ମଥୁରା ନଗର ମହାରାଜା କଂସଙ୍କ ଦରବାର ରୂପେ ଉପସ୍ଥାପନ କରାଯାଏ । ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଧନୁଯାତ୍ରା ମାନଙ୍କ ମଧ୍ୟରେ ବରଗଡର ସ୍ଥାନ ସ୍ୱତନ୍ତ୍ର ଓ ଅଦ୍ୱିତୀୟ । ବରଗଡ ଧନୁଯାତ୍ରାର ଐତିହ୍ୟ ଓ ଇତିହାସ ଅତ୍ୟନ୍ତ ମନମୁଗ୍ଧକର । ଏହା ବିଶ୍ୱର ସର୍ବ ବୃହତ ମୁକ୍ତାକାଶ ରଙ୍ଗମଞ୍ଚର ମାନ୍ୟତା ପାଇଛି । ବରଗଡ ଧନୁଯାତ୍ରାର ଆରମ୍ଭ ସମୟକୁ ନେଇ ଗବେଷକ ମାନଙ୍କ ମଧ୍ୟରେ ଭିନ୍ନମତ ପ୍ରକାଶ ପାଇଥାଏ । କେତେକ ତଥ୍ୟରୁ ଜଣାଯାଏ ୧୯୪୮ ମାଘ ପଞ୍ଚମୀ ମଧ୍ୟ ରାତ୍ରରେ ରାମଜୀ ମନ୍ଦିରରେ କୃଷ୍ଣଜନ୍ମ ହେବା ସହିତ ବରଗଡ ଧନୁଯାତ୍ରାର ଶୁଭାରମ୍ଭ ହୋଇଥିଲା । ୧୯୧୫ମସିହାରୁ ବରଗଡ ସହରରେ ଧନୁଯାତ୍ରା ଛୋଟକାଟିଆ ଭାବରେ ପାଳନ କରାଯାଉଥିବାର କେତକଙ୍କ ମତରୁ ଜଣାଯାଏ । ଅନ୍ୟ କେତକଙ୍କ ତଥ୍ୟ ଅନୁଯାୟୀ ଭଟଲି ଅଞ୍ଚଳରେ ଲୀଳା ସୁଆଙ୍ଗକୁ ଦେଖି ସେ ସମୟର କିଛି ଯୁବକଙ୍କ ପରିକଳ୍ପନାର ଫଳ ସ୍ୱରୁପ ଆଜିର ବିଶ୍ୱ ବିଖ୍ୟାତ ବରଗଡରେ ଆୟୋଜିତ ହେଉଥିବା ଧନୁଯାତ୍ରା ମହୋତ୍ସବ ଅନ୍ୟ ଏକ ତଥ୍ୟରୁ ଜଣାଯାଏ । ଭଟଲିଥାନା ଅନ୍ତର୍ଗତ ଭୁଲିଆଡିହ ଗ୍ରାମରେ ଧନୁଯାତ୍ରା ଦେଖି ଧର୍ମପ୍ରାଣ ବ୍ୟକ୍ତି କାଙ୍ଗାଳି ନାୟକ ଉତ୍ସାହିତ ହୋଇ ବରଗଡର ଧନୁଯାତ୍ରା ଆରମ୍ଭ ପାଇଁ ମନସ୍ଥ କଲେ । ତାଙ୍କ ନେତୃତ୍ୱରେ ଗୌନ୍ତିଆ ଭୁଷଣ କରଙ୍କ ସଭାପତିତ୍ୱରେ ତଳିପଡାର ରାମଜୀ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଧନୁଯାତ୍ରାର ପରିକଳ୍ପନା କରାଯାଇଥିଲା । ଏହି ସଭାରେ ମାଫିଦାର ଗୌନ୍ତିଆ ରଘୁମଣିଦାସ, ଲକ୍ଷପତି ଦାଶ, ଚନ୍ଦ୍ରମଣି ଦାଶ, ଲଳିତ ଦାଶ, ଗୌନ୍ତିଆ ଲଳିତ ମୋହନ ସାହୁ, ମୁକ୍ତାର ରାମକୃଷ୍ଣ ହୋତା, କପିଳ ଦାଶ ପ୍ରମୁଖ ଯୋଗଦାନ କରିଥିବାର ଜଣାଯାଏ । ୧୯୪୭ମସିହାରେ ଧନୁଯାତ୍ରାର ଆୟୋଜନ ହୋଇଥିଲା । ସେହି ବର୍ଷ ଧନୁ ସଂକ୍ରାନ୍ତିରେ ହାଟପଦାରେ ଇନ୍ଦ୍ରଧ୍ୱଜ ସ୍ଥାପନ କରାଯାଇଥିବାର ଜଣାଯାଏ । ୧୯୪୭ମସିହାରେ ଧନୁଯାତ୍ରା ଆରମ୍ଭ ହୋଇଥିବାର ଯୁକ୍ତିଯୁକ୍ତ ମନେ ହୁଏ । ଚଳିତ ବର୍ଷ ବରଗଡ ଧନୁଯାତ୍ରା ୭୮ ବର୍ଷରେ ପଦାର୍ପଣ କରିଛି । ତେଣୁ ଏହା ୧୯୪୭ରୁ ଆରମ୍ଭ ଏହା ପ୍ରମାଣିତ କରୁଛି । ସ୍ୱାଧୀନତା ପ୍ରାପ୍ତିର ପରିପ୍ରେକ୍ଷୀରେ ଧନୁଯାତ୍ରାର ଆୟୋଜନ ଏହା ଯଥେଷ୍ଟ ମହତ୍ୱ ରଖିଥାଏ। ଅତ୍ୟାଚାରୀ ଇଂରେଜ ସରକାରଙ୍କର କୁଶାସନକୁ କଂସ ମହାରାଜାଙ୍କର ଦୁରାଚାର ସହିତ ପରିକଳ୍ପନା କରି ଏହି ଧନୁଯାତ୍ରାର ଆୟୋଜନ ଏଥିରେ ଦ୍ୱିମତ ନାହିଁ । ବରଗଡ ଧନୁଯାତ୍ରାର ପରିସମାପ୍ତି ଦିନ ପୌଷ ପୂର୍ଣ୍ଣମା ଅଟେ । ପୌଷ ପୂର୍ଣ୍ଣମା ପଶ୍ଚିମ ଓଡିଶାରେ ପୁଷିପୁନି ନାମରେ ଖ୍ୟାତ । ପୂର୍ବେ ପଶ୍ଚିମ ଓଡିଶାରେ ପୁଷିପୁନି ଦିନ ଗୌନ୍ତିଆ ବା ଜମିଦାରମାନେ ନିଜ ଜମିବାଡି କ୍ଷେତରେ କାର୍ଯ୍ୟ କରିବା ନିମନ୍ତେ ମୂଲିଆ, ମଜୁରିଆ, ଶ୍ରମିକମାନଙ୍କୁ ଚୁକ୍ତି ଭିତିକ ଏକ ବର୍ଷ ପାଇଁ ନିଯୁକ୍ତି ଦେଉଥିଲେ। ଶ୍ରମିକ,କୃଷକ ଓ ଅବହେଳିତ ଶ୍ରେଣୀର ମୂଳ ବରଗଡ ଧନୁଯାତ୍ରା । ତତକାଳୀନ ସମୟରେ ହେମାଳୀ(ମୂଲିଆ, ମଜୁରିଆ, ଶ୍ରମିକ, ରିକ୍ସା ଚାଳକ)ମାନେ ବିନା ପାରିଶ୍ରମିକରେ ହାଟପଦା ବାଳିକା ବିଦ୍ୟାଳୟ ପାଖରେ କଂସ ମହାରାଜାଙ୍କର ମଞ୍ଚ ପ୍ରସ୍ତୁତ କରୁଥିଲେ । କାଙ୍ଗାଳି ନାୟକ ବରଗଡ ଧନୁଯାତ୍ରାର ଆଦ୍ୟ ଉଦ୍ୟୋକ୍ତା । ସେ ଥିଲେ ଶ୍ରମିକ, ମଜୁରିଆ ମାନଙ୍କର ନେତା । ଶ୍ରମିକ ଓ କୃଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା ବରଗଡ ଧନୁଯାତ୍ରା ଆରମ୍ଭ କରିବା ଦିଗରେ । ବରଗଡ ହାଟପଦାର ଦୈନିକ ବଜାରକୁ କଂସର ମଥୁରା ନଗରୀ ଓ ଆମ୍ବାପାଲୀକୁ ଗୋପପୁର ରୂପେ ସ୍ଥାନ ନିରୁପଣ ହେଲା । ଜିରା ନଦୀକୁ ଯମୁନା ନଦୀର ମାନ୍ୟତା ପ୍ରଦାନ କରାଗଲା । ବିପିନି ବାବୁ ମଞ୍ଚକୁ ଫୁଲରେ ସଜାଉ ଥିଲେ । ବିଜୁଳିବତୀ ନ ଥିବାରୁ ପେଟ୍ରୋମାକ୍ସ ଲାଇଟ୍ ଜାଳି ଧନୁଯାତ୍ରା ଉତ୍ସବ ପାଳନ କରାଯାଉଥିଲା । କଂସ ଭୂମିକାରେ ପ୍ରଥମେ ବୃନ୍ଦି ରଥ ଓ ଅକ୍ରୁର ଭୂମିକାରେ ପର୍ଶୁରାମ ପୂଜାରୀକୁ ଚୟନ କରାଯାଇଥିଲା । କଂସ ମହାରାଜା ଶଗଡ ଗାଡିରେ ମଥୁରା ନଗର ବରଗଡ ସହର ପରିଭ୍ରମଣ କରୁଥିଲେ । ପରେ ଫୁଲଚାନ୍ଦ ଅଗ୍ରୱାଲଙ୍କ ପୁରୁଣା ମଡେଲ ଗାଡିରେ ନଗର ପରିକ୍ରମା କରିଥିଲେ । କଂସ ମହାରାଜା ହାତୀ ପିଠିରେ ବସି ନଗର ପରିଭ୍ରମଣ କରିବାର ବ୍ୟବସ୍ଥା ପ୍ରଥମେ ପଦମପୁରର ଜମିଦାର କରିଥିଲେ । ଏହା ଆଜିଯାଏଁ ବଳବତ୍ତର ରହିଅଛି । ୧୯୫୦ରୁ୧୯୫୭,୧୯୬୦ରୁ୧୯୬୭ଯାଏଁ ବିଭିନ୍ନ କାରଣରୁ ବରଗଡରେ ଧନୁଯାତ୍ରା ହୋଇନାହିଁ । ତିଥି ଅନୁଯାୟୀ ୧୯୭୨ ଓ ୧୯୮୩ବର୍ଷ ଧନୁଯାତ୍ରା ପଡି ନଥିଲା । ସେ ସମୟରେ ଧନୁଯାତ୍ରା ୧୫ଦିନ ଧରି ଅନୁଷ୍ଠିତ ହେଉଥିଲା । ୧୯୬୨ରେ ଭାରତ-ଚୀନ୍ ଯୁଦ୍ଧ ପାଇଁ ୧୨ଦିନ, ୧୯୬୪ମସିହାରେ ୧୧ଦିନ, ୧୯୭୩-୧୯୭୪ମସିହାରେ ଦୁର୍ଭିକ୍ଷ ପାଇଁ ୭ ଦିନ ଧରି ଧନୁଯାତ୍ରା ଆୟୋଜିତ ହୋଇଥିଲା । ଛାତ୍ର ଆନ୍ଦୋଳନ ପାଇଁ ୧୯୬୪ମସିହାରେ ୧୧ଦିନ ପର୍ଯ୍ୟନ୍ତ ଯାତ୍ରା ଚାଲିଥିଲା । ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ଦିନ ଧରି ଯାତ୍ରା ଅନୁଷ୍ଠିତ ହୋଇଆସୁଛି । ଧନୁଯାତ୍ରା କୋଭିଡ କରୋନା ପାଇଁ ଦୁଇ ବର୍ଷ ବନ୍ଦ ଥିଲା । ୨୦୨୨।୨୦୨୩ ମସିହାରେ ଅନୁଷ୍ଠିତ ଧନୁଯାତ୍ରା ୭୫ବର୍ଷରେ ପଦାର୍ପଣ କରିଥିଲା । ଚଳିତ ୨୦୨୫।୨୦୨୬ବର୍ଷର ଧନୁଯାତ୍ରା ୭୮ବର୍ଷରେ ପଦାର୍ପଣ କରିଛି । ଚଳିତ ବର୍ଷ କଂସ ମହାରାଜା ଭୂମିକାରେ ଅବତୀର୍ଣ୍ଣ ହେବେ ସୁଶୀଳ ମେହେର । ଚୟନ ପ୍ରକ୍ରିୟାରେ ୪୪ଜଣ ଆଶାୟୀ ପ୍ରତିଯୋଗୀଙ୍କୁ ଅଭିନୟରେ ପଛରେ ପକାଇ ଶ୍ରେଷ୍ଠ ବିବେଚିତ ହୋଇଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ବରଗଡ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ ୧୦ଜଣ କଳାକାର କଂସ ଭୂମିକାରେ ସଫଳ ଅଭିନୟ କରି ଆସିଛନ୍ତି । ୧୯୪୭ପ୍ରଥମ ଧନୁଯାତ୍ରାରେ କଂସ ଭୂମିକାରେ ହାସ୍ୟ ଅଭିନେତା ଦେ ଗାଁର ବୃନ୍ଦି ରଥ ଅଭିନୟ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଏହି ସମୟରେ ଅକ୍ରୁର ଭୂମିକାରେ ପର୍ଶୁରାମ ପୂଜାରୀ, କୃଷ୍ଣ କର, ବଳରାମ ଭୂମିକାରେ ମୁରାରୀ ମିଶ୍ର ଅଭିନୟ କରି ଇତିହାସ ସୃଷ୍ଟି କରିଥିଲେ । ମୁରାରି ମିଶ୍ର ମେଲଛାମୁଣ୍ଡାର ବିଧାୟକ ଥିଲେ । ଦ୍ୱିତୀୟ କଂସ ଭୂମିକାରେ ଅଭିନୟ କରିଥିଲେ ବରଗଡ ନିବାସୀ ଭୀମସେନ ତ୍ରିପାଠୀ । ବରଗଡ ଧନୁଯାତ୍ରାରେ ତୃତୀୟ କଂସ ଭୂମିକାରେ ଅଭିନୟ କରି କିମ୍ବଦନ୍ତି ସୃଷ୍ଟି କରିଛନ୍ତି ବରଗଡ ଭେଡେନ ନିକଟସ୍ଥ ତାଳମେଣ୍ଡା ଗ୍ରାମର ଯୁଧିଷ୍ଠିର ଶତପଥୀ । ଦୁଇଟି ପର୍ଯ୍ୟାୟରେ ୧୫ଥର କଂସ ଭୂମିକାରେ ସେ ଅଭିନୟ କରିଛନ୍ତି । ୧୯୫୯ରୁ୧୯୭୧ପର୍ଯ୍ୟନ୍ତ ପୁନର୍ବାର ୧୯୭୪ରୁ ୧୯୮୩ମସିହା ପର୍ଯ୍ୟନ୍ତ କଂସ ମହାରାଜା ଭୂମିକାରେ ଅଭିନୟ କରିଥିଲେ। ଏହା ପୂର୍ବରୁ ସେ ମନ୍ତ୍ରୀ ଭୂମିକାରେ ମଧ୍ୟ ଅଭିନୟ କରିଥିଲେ । ଯୁଧିଷ୍ଠିର ଶତପଥୀଙ୍କ ନିଖୁଣ ଅଭିନୟ ପାଇଁ ଜନମାନସରେ ଅନେକ ସମ୍ମାନର ଅଧିକାରୀ ଥିଲେ । ତାଙ୍କ ଅବର୍ତ୍ତମାନରେ ମଧ୍ୟ ସେ ଦର୍ଶକଙ୍କ ସ୍ମୃତିପଟରେ ଯୁଧିଷ୍ଠିର ମହାରାଜା ଭାବରେ ରହିଛନ୍ତି । ଯୁଧିଷ୍ଠିର ଶଥପଥୀଙ୍କ ଉଚ୍ଚକୋଟୀର ମର୍ମ ସ୍ପର୍ଶୀ,ନିଖୁଣ ଓ ବାସ୍ତବ ଅଭିନୟ ପାଇଁ ସେ ଆଜି ମଧ୍ୟ ସ୍ମରଣୀୟ । ଅନେକ ତାଙ୍କୁ ଯୁଧିଷ୍ଠିର ମହାରାଜା ଓ କଂସ ମହାରାଜା ବୋଲି ସମ୍ବୋଧନ କରୁଥିଲେ । ତାଙ୍କ ବିୟୋଗର ୩୦ବର୍ଷ ପରେ ମଧ୍ୟ ସେ ରହୁଥିବା ବରଗଡ ପଞ୍ଚାୟତ କଲେଜ ଗଳିକୁ ଲୋକେ କଂସ ଗଳି ଆଜି ମଧ୍ୟ କହୁଛନ୍ତି । ସଂସ୍କୃତ, ଓଡିଆ, ହିନ୍ଦିରେ ବିଶେଷ ଜ୍ଞାନ ଥିବା ଯୁଧିଷ୍ଠିର ଶତପଥୀଙ୍କ ଭାଷାଜ୍ଞାନ, ସ୍ପଷ୍ଟ ଉଚ୍ଚାରଣ , ମାର୍ମିକ ଅଭିନୟ ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲା । ସେ ବରଗଡ କୋର୍ଟରେ ଡିଡି ରାଇଟର ଭାବେ କାର୍ଯ୍ୟରତ ଥିଲେ । ସେ ଅଭିନୟରୁ ଓ ନଗର ପରିଭ୍ରମଣ କରୁଥିବା ସମୟରେ ଜରିମାନା ଅର୍ଥକୁ ଗରିବ ଲୋକଙ୍କ ମଧ୍ୟରେ ବାଣ୍ଟିଦେଉଥିଲେ । ସମସ୍ୟା ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କୁ ଯେପରି ଆଦେଶ ଦେଉଥିଲେ ଓ ଆବେଦନ ରଖୁଥିଲେ ସତେ ଯେପରି ରାଜୁଡା ଶାସନ ଫେରିଆସିଛି । ରାଧେଶ୍ୟାମ ଦାସ ବରଗଡ, ଦେବେନ୍ଦ୍ର ବିଶ୍ୱାଳ କପାଳି ଅତାବିରା ବରଗଡ, ନିକାଞ୍ଚନ ଦାଶ ସୋହେଲା ବରଗଡ, ତ୍ରିଲୋକୀନାଥ ମହାରଣା, ପୋଲିସ୍ ଅଫିସର ରଥବାବୁ, ଗୋପାଳକୃଷ୍ଣ ସାହୁ(ଏଲି)ବଲାଙ୍ଗୀର, ହୃଷିକେଶ ଭୋଇ ଚିଚୋଲି ବରଗଡ,ଭୁବନେଶ୍ୱର ପ୍ରଧାନ କଂସ ମହାରାଜା ଭୂମିକାରେ ତାଙ୍କର ଅଭିନୟ କରିଆସିଛନ୍ତି । ସଂଜୀବ ଦାଶ ଦିନକ ପାଇଁ କଂସ ଭୂମିକାରେ ଅଭିନୟ କରିଥିଲେ । ବରଗଡ ଧନୁଯାତ୍ରାରେ ଦୀର୍ଘ୨୩ ଥର କଂସ ଭୂମିକାରେ ନିଖୁଣ ଅଭିନୟ କରିଥିବା ଗୋପାଳ ସାହୁ(ଏଲି)ପେସାରେ ଜଣେ ପୋଲିସ କର୍ମଚାରୀ ଓ ନିଶାରେ ଅଭିନୟ ପ୍ରତି ବିଶେଷ ଆଗ୍ରହୀ । ସଂଯୋଗର କଥା ସେ ତାଙ୍କ ବାପା-ମାଆଙ୍କର ଅଷ୍ଟମ ସନ୍ତାନ ଏବଂ ତାଙ୍କ ନାମ ଗୋପାଳ । ସେ କର୍ଣ୍ଣବଧ, ମହିଷାସୁର ବଧ, ସାବିତ୍ରୀ ସତ୍ୟବାନ ନାଟକ, ଚଳଚିତ୍ର ସବୁମାୟାରେବାୟା, କିଏ ପରକିଏ ଆପଣା, ସମ୍ବଲପୁରୀ ଚଳଚିତ୍ର ଭୁଖାରେ ସଫଳ ଅଭିନୟ କରିଥିଲେ । ସେ ତାଙ୍କ ଅଭିନୟରେ ଶ୍ରେଷ୍ଠତା ପାଇଁ ୧୯୮୮ରେ ଆମେରିକାର ଉର୍ବଶୀ ସଂସ୍ଥା, ୧୯୯୪ ମସିହାରେ ଓଡିଶା ସଂଗୀତ ନାଟକ ଏକାଡମୀ,୧୯୯୬ରେ ପୁରୀ ଶ୍ୟାମଶ୍ରୀ ଅନୁଷ୍ଠାନ,୨୦୦୭ରେ ରାଜୀବଗାନ୍ଧୀ ଫୋରମ ପ୍ରଭୃତି ସଂସ୍ଥା ପକ୍ଷରୁ ସମ୍ମାନୀତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । କଂସ ମହାରାଜା ଭୂମିକାରେ ଅଭିନୟ କରି ଶ୍ରୀ ଭୁବନେଶ୍ୱର ପ୍ରଧାନ ନିଜର ଉତ୍କର୍ଷିତା ଓ ଶ୍ରେଷ୍ଠତାର ପରିଚୟ ଦେଇଛନ୍ତି । କଂସ ମହାରାଜା ଶ୍ରୀ ଭୁବନେଶ୍ୱର ପ୍ରଧାନଙ୍କ ଦରବାରରେ ପ୍ରବାଦ ପୁରୁଷ ଶ୍ରୀ ବିଜୁପଟ୍ଟନାୟକ, ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନପଟ୍ଟନାୟକ ଓ ବର୍ତ୍ତମାନର ଲୋକଙ୍କର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିମନ୍ତ୍ରିତ ସମ୍ମାନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । କଳିଙ୍ଗ ସମ୍ରାଟ ବିଜୁପଟ୍ଟନାୟକ ମଥୁରା ସମ୍ରାଟ ମହାରାଜା କଂସ ଶ୍ରୀ ଭୁବନେଶ୍ୱର ପ୍ରଧାନଙ୍କ ଦରବାରରେ ୧୦ମିନିଟ୍ ବିଳମ୍ବରେ ପହଁଞ୍ଚିଲେ । କଂସ ମହାରାଜାଙ୍କ ନିର୍ଦ୍ଦେଶରେ ତାଙ୍କୁ ୧୦ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଜରିମାନା ସ୍ୱରୁପ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ । ୧୯୮୩ମସିହା ପର୍ଯ୍ୟନ୍ତ କଂସ ଭୂମିକାରେ ଅଭିନୟ କରୁଥିବା କଳାକାରମାନେ ଶେଷଦିନ ଅଭିନୟ କରୁନଥିଲେ । ଅନ୍ୟ ଜଣେ ବ୍ୟକ୍ତି କଂସ ଭୂମିକାରେ ଅଭିନୟ କରୁଥିଲେ । ତାଙ୍କୁ ମଲାକଂସ ବୋଲି କୁହାଯାଉଥିଲା । ସାଧାରଣତଃ ଶ୍ରମିକ, ମଜୁରିଆ, ରିକ୍ସାଚାଳକମାନେ ଧନୁଯାତ୍ରାର ଶେଷ ଦିନ କଂସବଧ ପରିପ୍ରେକ୍ଷୀରେ ମଲାକଂସ ରୂପେ ଅଭିନୟ କରନ୍ତି । କୁନ୍ଦୁର ନାମକ ଜଣେ ରିକ୍ସାଚାଳକ ମଲାକଂସ ଭୂମିକାରେ ସର୍ବାଧିକ ଥର ଅଭିନୟ କରିଥିଲେ । କଂସ ଭୂମିକାରେ ଅଭିନୟ କଲେ ବଂଶରେ କେହି ରହିବେନି ବୋଲି ଭୟ ରହିଥିଲା । ସେଥିପାଇଁ କିଏ କଂସ ଭୂମିକାରେ ଅଭିନୟ ପାଇଁ ଇଛା ପ୍ରକାଶ କରୁନଥିଲେ । ତେଣୁ ଏକ ପ୍ରବାଦ ଥିଲା-

କଂସ ରାଜାର ବଂଶ ବୁଡୁ
କଂସ ମଲେ ଖାଏମା ଲଡୁ ।

ବରଗଡ ଧନୁଯାତ୍ରାର ପରିସମାପ୍ତି ପରେ କଂସ ଭୂମିକାରେ ଅଭିନୟ କରୁଥିବା କଳାକାର ଶ୍ରୀକ୍ଷେତ୍ର ଆମ ପୁରୀକୁ ଆସି ମହୋଦଧିରେ ସ୍ନାନ ପୂର୍ବକ ଶ୍ରୀଜଗନ୍ନାଥ ଓ ଶ୍ରୀଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରନ୍ତି । ଶ୍ରୀକୃଷ୍ଣ ଭଗବାନଙ୍କ ପ୍ରତି କରିଥିବା ଅବିଚାର ଓ ଅନ୍ୟାୟର ପ୍ରାୟଶ୍ଚିତ ପାଇ ନୀଳାଚଳ ଧାମରେ ଉପସ୍ଥିତ ହୁଅନ୍ତି । ଏପରି ପରିକଳ୍ପନା ଆମ ଓଡିଆ ଜାତିର ସାମ୍ୟ, ମୈତ୍ରୀ, ପ୍ରୀତି ଓ ଏକତାର ପ୍ରତୀକ । ପଶ୍ଚିମ ଓଡିଶାରେ ନୂଆଖାଇ, ଶୀତଳଷଷ୍ଠୀ ପରି ବରଗଡ ଧନୁଯାତ୍ରା ସାଧାରଣ ଜନତାର ପ୍ରତିନିଧିତ୍ୱ କରେ । ସମାଜର ସବୁବର୍ଗର ବ୍ୟକ୍ତି ବିଶେଷଙ୍କୁ ଏକତ୍ରୀତ କରିବାର ସାମର୍ଥ୍ୟ ରଖେ ବରଗଡ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା । ଧାର୍ମିକ, ସାମାଜିକ ଓ ସାଂସ୍କୃତିକ ସଙ୍ଗମର ପବିତ୍ର ସ୍ଥଳ ବରଗଡ ଧନୁଯାତ୍ରା । ଏହା କଳାକାର, ଦର୍ଶକ, ଶ୍ରଦ୍ଧାଳୁ, ଗବେଷକମାନଙ୍କର ମହାକୁମ୍ଭ ।

# ସନ୍ଥ ମଣିଷ ପାଟକୁରା ଗାନ୍ଧୀ ରାଜକିଶୋର ନାୟକ



ନିରାକାର ଦାସ
ଅବସରପ୍ରାପ୍ତ ବରିଷ୍ଠ ଜନସମ୍ପର୍କ ଅଧିକାରୀ
ପୂର୍ବତଟ ରେଳପଥ
ଭିଲ୍ଲା -୧, ଫେଜ-୨
ଏସ୍‌ବିଟି ଇଣ୍ଡସ୍ ଭ୍ୟାଲୀ, ରଘୁନାଥପୁର
ଭୁବନେଶ୍ୱର - ୭୫୧୦୨୪
ମୋ - ୯୪୩୭୦୧୩୧୩୯
email-
das.nirakar1963@gmail.com

ସେବା, ତ୍ୟାଗ ଓ କର୍ତ୍ତବ୍ୟ ନିଷ୍ଠାର ମୂର୍ତ୍ତିମନ୍ତ ପ୍ରତୀକ ରାଜକିଶୋର ନାୟକ ଥିଲେ ଗାନ୍ଧୀ ଯୁଗର ଶେଷ ସନ୍ଥ । ଗାନ୍ଧିଜୀ, ବିନୋବା ଭାବେ, ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ର ଜୀବନରୁ ଦେଶସେବା ପ୍ରତି ସମର୍ପିତ ହୋଇଥିଲେ । ୧୯୩୪ ମସିହା ମେ ମାସ ୨୬ ତାରିଖ ଦିନ ମହାତ୍ମା ଗାନ୍ଧୀଜୀ ପଦଯାତ୍ରାରେ ସଲାର ପଡ଼ିଆରେ ପହଁଚିଥିଲେ । ନଅବର୍ଷ ବୟସର ରାଜକିଶୋର, ସ୍ୱାଧୀନତା ସଂଗ୍ରାମୀ ପୁରୁଷୋତ୍ତମ ନାୟକଙ୍କ ସହ ଗାନ୍ଧୀଙ୍କୁ ଦର୍ଶନ କରିବା ସହ କଥା ମଧ୍ୟ ହୋଇଥିଲେ । ଲୁଚି ଲୁଚି ବାନର ସେନାରେ ମଧ୍ୟ କାର୍ଯ୍ୟ କରିଥିଲେ । ୧୯୫୫ ମସିହାରେ ବିନୋବାଜୀଙ୍କର ତେଣ୍ଡାକୁଡ଼ା ଆଗମନକୁ ସ୍ୱାଗତ କରିବା ସହ ଭୁଦାନ ଓ ସର୍ବୋଦୟରେ ଖୁବ୍ ନୀତିନିଷ୍ଠ ଭାବେ କାର୍ଯ୍ୟ କରିଥିଲେ । ୧୯୬୬ରେ ବିଜୁବାବୁଙ୍କ ପରାମର୍ଶରେ ଶିକ୍ଷକତା ଛାଡ଼ି ରାଜନୀତିରେ ଯୋଗଦାନ କରିଥିଲେ । ୧୯୭୧ ମସିହାରେ ଉତ୍କଳ କଂଗ୍ରେସ ଟିକେଟ୍‌ରେ ପାଟକୁରାରେ ବିଧାୟକ ହୋଇଥିଲେ । ଏହି ମହାନ୍ ଜନନାୟକଙ୍କ ଜୀବନ ଚର୍ଯ୍ୟା ଥିଲା ଖୁବ୍ ସାଧନାମୟ ଓ ତ୍ୟାଗପୂର୍ଣ୍ଣ । ରାଜନୀତିରେ ଥାଇ ବି ଜଣେ ସନ୍ନ୍ୟାସୀର ଜୀବନ ବିତାଉଥିଲେ । ରାଜର୍ଷି ଜନକଙ୍କ ପରି ସମ୍ପଦ ମଧ୍ୟରେ ଥାଇ ବି ତାଙ୍କୁ ସମ୍ପଦ ସ୍ପର୍ଶ କରି ନ ଥିଲା । କ୍ଷମତା ମଧ୍ୟରେ ଥାଇବି କ୍ଷମତାର ଗନ୍ଧ ତାଙ୍କ ଦେହରେ ବାଜି ନ ଥିଲା । କଠୋର କର୍ତ୍ତବ୍ୟନିଷ୍ଠା, ନୀତିନୀଷ୍ଠ ରାଜନୈତିକ ବିଚାରଧାରାର କଷଟି ପଥରରେ ଘଷି ହୋଇ ତାଙ୍କ ଜୀବନ ମାନବବାଦର ଏକ ଉତ୍ତୁଙ୍ଗ ଶିଖରରେ ପହଁଚି ପାରିଥିଲା । ରାଜତନ୍ତ୍ରରେ ରାଜନୀତି ଭୋଗ୍ୟବାଦ ଉପରେ ପ୍ରତିଷ୍ଠିତ ଥିଲା। ପ୍ରାଚୁର୍ଯ୍ୟର ପାହାଡ଼ ଶିଖରରେ ରାଜାଙ୍କ ସିଂହାସନ ପ୍ରତିଷ୍ଠା ହେଉଥିଲା । ୧୮୪୮ ମସିହାରେ ମହାନ୍ ଦାର୍ଶନିକ କାର୍ଲମାର୍କ୍ସଙ୍କ ଦ୍ୱାରା କମ୍ୟୁନିଷ୍ଟ ମେନିଫେଷ୍ଟୋ ଜନ୍ମ ନେଲାପରେ ରାଜନୀତି ଭୋଗବାଦ ଓ ପ୍ରାଚୁର୍ଯ୍ୟ ପ୍ରହରଣ ମୁକ୍ତହେଲା । ୧୯୧୭ ମସିହାରେ ରୁଷିଆ ବିପ୍ଳବ ପରେ ଲେନିନ୍ ପ୍ରମାଣ କରି ଦେଖେଇ ଦେଲେ ସାରା ବିଶ୍ୱକୁ ଯେ ଭୋଗ ବଦଳରେ ତ୍ୟାଗ, ତିତିକ୍ଷା ଦ୍ୱାରା କିଭଳି ରାଜନୀତି, ରାଜ୍ୟ ଶାସନ କରିହୁଏ । ବ୍ୟକ୍ତି ସମ୍ପତ୍ତି ହୀନ ଓ ବ୍ୟକ୍ତି ସମ୍ପତ୍ତି ଚେତନା ବିହୀନ ମାନବବାଦ ହିଁ ସାମ୍ୟବାଦ ଯାହା ରାଜକିଶୋର ନାୟକ ତାଙ୍କ ସମଗ୍ର ଜୀବନରେ ପ୍ରମାଣ କରି ଦେଖେଇ ଯାଇଛନ୍ତି । ରାଜନୀତି ଭୋଗ, ବିଳାସ ଓ ପ୍ରାଚୁର୍ଯ୍ୟରେ ନ ଥାଏ । ରାଜନୀତି ତ୍ୟାଗ ଓ ମାନବସେବାରେ ଥାଏ ବୋଲି ସେ ଦୁଇ ଦୁଇ ଥର ବିଧାୟକ, ଦୁଇଥର ଖଦୀବୋର୍ଡ ଚେୟାରମ୍ୟାନ୍, ବ୍ଳକ୍ ଚେୟାରମ୍ୟାନ୍ ଇତ୍ୟାଦି ରାଜନୈତିକ



ରାଜର୍ଷି ରାଜକିଶୋର ନାୟକ

ପଦପଦବୀରେ ଅଧିଷ୍ଠିତ ଥାଇ ପ୍ରମାଣିତ କରିଯାଇଛନ୍ତି । ତାଙ୍କୁ ସମ୍ପଦର ମୋହ ଜମା ସ୍ପର୍ଶ କରି ନ ଥିଲା । ନିଜ ପତ୍ନୀଙ୍କର ଅଳଙ୍କାର ବିକ୍ରି କରି ଜଣେ ଇଞ୍ଜିନିୟର ଛାତ୍ରର ପାଠପଢ଼ା ଖର୍ଚ୍ଚ ଦେଇଥିଲେ । ଦରମା ପଇସାରୁ ଗ୍ରାମର ଦଳିତ, ନିଷ୍ପେସିତ ମଣିଷଙ୍କୁ ଆବଶ୍ୟକସ୍ଥଳେ ସାହାଯ୍ୟ କରୁଥିଲେ । ଏପରିକି ତାଙ୍କ ପେନ୍‌ସନ୍ ପଇସାରୁ ଅଧା ନିଜେ ପ୍ରତିଷ୍ଠା କରିଥିବା ଅସୁରେଶ୍ୱର ଗୋରକ୍ଷଣୀକୁ ଦେବା ସହ ଆଉ କିଛି ଟଙ୍କା ଗରୀବ ଲୋକଙ୍କୁ ଦେଉଥିଲେ । ଏପରିକି ତାଙ୍କ ସୁ-ପୁତ୍ର ପ୍ରାକ୍ତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ରାଜନୀତିକ ବିରୋଧିକୁ ମଧ୍ୟ ଅର୍ଥ ପ୍ରଦାନ କରୁଥିଲେ । ପଚାରିଲେ କୁହନ୍ତି - " ମଣିଷ କେବେ ବି ମଣିଷର ଶତ୍ରୁ ନୁହେଁ । ମଣିଷ ଜନ୍ମ ହେଇଚି ମଣିଷର ଉପକାର ପାଇଁ । ସଂକୀର୍ଣ୍ଣ ରାଜନୀତିରେ ଶତ୍ରୁମିତ୍ର ଥାଇପାରନ୍ତି । କିନ୍ତୁ ତା'ଠାରୁ ଉର୍ଦ୍ଧ୍ୱକୁ ଗଲେ, ସାରାଜଗତ ଗୋଟିଏ ପରିବାର ।" ଏପରିକି ନିଜ ପୁଅ ଓ ଝିଅମାନଙ୍କୁ କିଛି ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ଦାୟିତ୍ୱ ପ୍ରଦାନ କରିଥିଲେ । ପିଲାମାନେ ପୂଜା ପାର୍ବଣରେ ନୂଆ ପୋଷାକ ପିନ୍ଧିବାକୁ ଅଳି କଲେ, ସେ ବୁଝାନ୍ତି - "ଗାଁର ସବୁ ଘରର ପିଲା ଯେଉଁଦିନ ନୂଆ ପିନ୍ଧି ପାରିବେ, ତମେ ସେହିଦିନ ପିନ୍ଧିବ । ତମେ ନୂଆ ପିନ୍ଧିବ, ଅଥଚ ଗରିବ ପିଲାଟିଏ ଛିଣ୍ଡାଫଟା ପିନ୍ଧିଥିବ, ତୁମକୁ ଭଲ ଲାଗିବ କି ?" ଏହିଭଳି ସନ୍ନ୍ୟାସ ମାନସିକତାର ମଣିଷଟିଏ ଥିଲେ ରାଜକିଶୋର ନାୟକ । ନିଜେ ଧୋତି ଓ ଚାଦର ପିନ୍ଧି ସାରା ଜୀବନ ବିତେଇ ଦେଲେ । ପାଟକୁରାର ବିଧାୟକ ଥାଇ ବି ଦିନେ ଅଯଥା ଖର୍ଚ୍ଚ କରି ନାହାନ୍ତି କି ଆମୋଦ ପ୍ରମୋଦରେ ଜୀବନ କାଟି ନାହାନ୍ତି । ସବୁବେଳେ ସେ କହୁଥିଲେ, "ତମ୍ଭ ନିଜଠୁ ତଳେ ଥିବା ଲୋକଟିକୁ ଚାହିଁ, ଦେଖିବ ଭଗବାନ୍ ତୁମକୁ କେତେ ସୁଖରେ ରଖିଛନ୍ତି । ଖଦୀ ବୋର୍ଡର ଅଧକ୍ଷ ଥାଇ ବି ବ୍ୟକ୍ତିଗତ କାର୍ଯ୍ୟରେ ଦିନେ ସରକାରୀ ଗାଡ଼ି ବ୍ୟବହାର କରିନାହାନ୍ତି । ରାଜଧାନୀରେ ଜାଗାଟିଏ କିଣି ପାରିନାହାନ୍ତି । ପୂର୍ବତନ ବିଧାୟକମାନଙ୍କୁ ରାଜଧାନୀରେ ଖଣ୍ଡିଏ ଖଣ୍ଡିଏ ଜମି ପ୍ରଦାନ କରିବା ନିମିତ୍ତ ସରକାର ନିଷ୍ପତ୍ତି ଗ୍ରହଣ କଲେ । ତଦନୁସାରେ ପୂର୍ବତନ ବିଧାୟକଭାବେ ତାଙ୍କ ନାମରେ ମଧ୍ୟ ଖଣ୍ଡିଏ ଜାଗା ଆବଣ୍ଟନ କରାଗଲା । ମାତ୍ର ୨୫୦୦ଟଙ୍କା ସେ ଯୋଗାଡ଼ କରିପାରିଲେନି । ଶିକ୍ଷକ, ବ୍ଳକ୍ ଚେୟାରମ୍ୟାନ୍, ଦୁଇଥର ବିଧାୟକ, ଦୁଇଥର ଖଦୀବୋର୍ଡ ଚେୟାର୍‌ମ୍ୟାନ୍ ଅଥଚ ବର୍ଷେ ପର୍ଯ୍ୟନ୍ତ ଏତକ ଅର୍ଥ ଯୋଗାଡ଼ କରିପାରିଲେନି । ଅବିଶ୍ୱସନୀୟ ହେଲେ ବି କଥାଟି ସତ୍ୟ । ଡକ୍ଟର ବେଣୁଧର ପ୍ରଧାନ ତାଙ୍କର ଏଭଳି ଅବସ୍ଥା ଜାଣି ଧାର ସୂତ୍ରରେ ତାଙ୍କୁ ଜୋର୍ ଜବରଦସ୍ତ ସେତିକି ଅର୍ଥ ଦେଇ ତାଙ୍କ ନାମରେ ଜମିଟି କରାଇଥିଲେ । ଏହା ହେଉଛି ବ୍ୟକ୍ତି ସମ୍ପତ୍ତି ନଥିବା ଓ ବ୍ୟକ୍ତି ସମ୍ପତ୍ତିର ମୋହ ନଥିବା ଜଣେ ସନ୍ନ୍ୟାସୀର ଜୀବନଚର୍ଯ୍ୟା । ବାସ୍ତବରେ ଦେଖିଲେ ସେ ଥିଲେ ଜଣେ ପ୍ରକୃତ ସାମ୍ୟବାଦୀ। ଜାତି, ଧର୍ମ, ବର୍ଣ୍ଣ, ଦଳ, ବାଦ, ବିବାଦ ସବୁଠୁ ଉର୍ଦ୍ଧ୍ୱରେ ରହି ସେ ମଣିଷକୁ ଭଲ ପାଉଥିଲେ ।

୧୯୨୫ ମସିହା କାର୍ତ୍ତିକ ପୂର୍ଣ୍ଣିମା ଦିନ ପାଟକୁରାଥାନା ଅନ୍ତର୍ଗତ ଅରିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଏହି ତ୍ୟାଗପୂତ ମହାପୁରୁଷ, ପୂର୍ଣ୍ଣ ପ୍ରାଣରେ ଗରିବ ମଣିଷଙ୍କ ସେବା ସହ ପଶୁ, ପକ୍ଷୀଙ୍କ ସେବାରେ ବି ଊଣା କରିନାହାନ୍ତି, ଅସୁରେଶ୍ୱର ଗୋରକ୍ଷଣୀ ପ୍ରତିଷ୍ଠା କରି ପରିତ୍ୟକ୍ତ ଗାଈ ବଳଦମାନଙ୍କୁ ରଖି ତାଙ୍କର ସେବା କରୁଥିଲେ । ସେବାର ସେ ଥିଲେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଉଚ୍ଚାରଣ ଓ ଆଚରଣରେ ଅଭିନ୍ନ କର୍ମଯୋଗୀ, କ୍ରାନ୍ତିକାରୀ କର୍ମବୀର, ଗୁରୁପ୍ରାଣ ଯୋଗୀ, ଗାନ୍ଧୀଯୁଗର ଶେଷ ସନ୍ଥ, ଭବିଷ୍ୟ ଦ୍ରଷ୍ଟା, ସ୍ଥିତପ୍ରଜ୍ଞ ମାନବବାଦୀ, ଦୟା, ପ୍ରେମ ଓ କରୁଣାର ଶୁଦ୍ଧପୂତ ମଣିଷ ରାଜକିଶୋର ନାୟକଙ୍କ ଜୀବନ ଦର୍ଶନ ଆଜିର ସମସ୍ତ ରାଜନେତାମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଏହି ମହାନ ଜନନାୟକ ୨୦୧୦ ମସିହା ଆଜିର ଦିନରେ ଇହଧାମ ତ୍ୟାଗ କରିଥିଲେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପଞ୍ଚମ ଆଶେସ ପାଇଁ ବଢ଼ିଲା ସୁରକ୍ଷା ବ୍ୟବସ୍ଥା



**ସିଡ୍‌ନୀ**

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସସିଜି)ରେ ରବିବାର ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଅନ୍ତିମ ତଥା ପଞ୍ଚମ ଆଶେସ ଟେଷ୍ଟ ଖେଳାଯିବ। ହେଲେ ଗତ ମାସରେ ବୋଣ୍ଡି ବିଚ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ ପଞ୍ଚମ ମ୍ୟାଚ୍ ଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ଏପରିକି ମ୍ୟାଚ୍ ବେଳେ ଷ୍ଟାଡିୟମରେ ରାଇଫଲ ଧାରୀ ପୋଲିସ ପାଟ୍ରୋଲ କରିବେ। ପବ୍ଲିକ ଅର୍ଡର ଓ ରଏଟ୍ ସ୍କ୍ୱାଡ ଅଧିକାରୀ ଏସସିଜିରେ ଦର୍ଶକଙ୍କ ମଧ୍ୟରେ ଉପସ୍ଥିତି ରହିବେ। ୩ ସପ୍ତାହ ପୂର୍ବେ ବୋଣ୍ଡି ସମୁଦ୍ର କୂଳରେ ହାନୁକା ଉତ୍ସବ ବେଳେ ଦୁଇ ବନ୍ଧୁକ ଧାରୀ ଆଖିବୁଜା ଗୁଳି ଚାଳନା କରିଥିଲେ। ଏହି ଘଟଣାରେ ୧୫ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଥିଲେ।

ଅଷ୍ଟ୍ରେଲିଆରେ କୌଣସି କ୍ରୀଡ଼ା ଭିତ୍ତିକ ଇଭେଣ୍ଟ ଚାଲିଥିବା ବେଳେ ରାଇଫଲ ସହ ପୋଲିସ ଅଧିକାରୀଙ୍କୁ ଅନେକ ଲୋକ ଦେଖି ନ ଥିବେ। କିନ୍ତୁ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରିବା ଆମର ଲକ୍ଷ୍ୟ। ଏନେଇ ଅଧିକ ସଂଖ୍ୟାରେ ପୋଲିସ ମୁତୟନ ରହିବେ।

ପୋଲିସ ଅସାମାଜିକ ଲୋକଙ୍କୁ ଟାର୍ଗେଟ କରିବ ବୋଲି ନ୍ୟୁ ସାଉଥ ୱେଲ୍ସ ରାଜ୍ୟର ପୋଲିସ କମିଶନର ମାଲ ଲାନିଅନ କହିଛନ୍ତି।

# ନ୍ୟୁଜିଲାଣ୍ଡ ବିପକ୍ଷ ଓଡ଼ିଆଇ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା କରାଯାଇଛି। ଏକ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେଇ ଚୟନକର୍ତ୍ତାମାନେ ତିଲକ ବର୍ମା ଏବଂ ଋତୁରାଜ ଗାୟକୱାଡଙ୍କୁ ଦଳରୁ ବାଦ ଦେଇଛନ୍ତି। ବଡ଼ ଖବର ହେଉଛି ଶ୍ରେୟସ ଆୟର ଦଳକୁ ଫେରିଛନ୍ତି। ନୀତିଶ ରେଡ୍ଡୀ, ଦ୍ରୁତ ବୋଲର ମହମ୍ମଦ ସିରାଜ ମଧ ଦଳକୁ ଫେରିଛନ୍ତି। ଶୁଭମନ ଗିଲ୍ ଅଧିନାୟକ ହେବେ।

ଅଷ୍ଟ୍ରେଲିଆ ଗସ୍ତରେ ଓଡ଼ିଆଇ ସିରିଜ୍ ସମୟରେ ଶ୍ରେୟସ ଆୟର ଆହତ ହୋଇଥିଲେ। ସେ ଦୁଇ ମାସ ଧରି ଖେଳରୁ ବାହାରେ ରହିଛନ୍ତି। ତଥାପି ସେ ଗତ ୧୦ ଦିନ ମଧ୍ୟରେ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସରେ ତାଙ୍କର ଫିଟନେସ୍ ଫେରି ପାଇଛନ୍ତି। ଆୟରଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଓଡ଼ିଆଇ ସିରିଜରେ ସାମିଲ କରାଯାଇଛି, କିନ୍ତୁ ଯଦି ସେ ଜାନୁଆରୀ ୬ ତାରିଖରେ ବିଜୟ ହଜାରେ ଟ୍ରଫି ମ୍ୟାଚ୍ ପାଇଁ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି, ତେବେ ସେ ଦଳରୁ ବାହାର ହୋଇପାରନ୍ତି।

ଶ୍ରେୟସ ଆୟରଙ୍କ ପ୍ରତ୍ୟାବର୍ତ୍ତନ ଅର୍ଥ ଗାୟକୱାଡଙ୍କୁ ବାଦ ଦିଆଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଓଡ଼ିଆଇ ସିରିଜରେ ଏହି ଖେଳାଳିଙ୍କର ଉଲ୍ଲେଖନୀୟ ବ୍ୟାଟିଂ ପ୍ରଦର୍ଶନ ଥିଲା। ସେ ୪ ନମ୍ବରରେ ବ୍ୟାଟିଂ କରି ଶତକ ହାସଲ କରିଥିଲେ। ଗାୟକୱାଡଙ୍କ ଶତକ ପରେ ଦଳରୁ ବାଦ ପଡ଼ିବା ଟିକେ ଦୁର୍ଭାଗ୍ୟଜନକ ଥିଲା। ଟିମ୍ ଇଣ୍ଡିଆ ଦଳରେ ତିନି ଜଣ ଅଲରାଉଣ୍ଡର, ଚାରି ଜଣ ଦ୍ରୁତ ବୋଲର, ଦୁଇ ଜଣ ୱିକେଟକିପର ଏବଂ ଛଅ ଜଣ ବ୍ୟାଟସମ୍ୟାନଙ୍କୁ ସାମିଲ କରିଛି।

ଭାରତୀୟ ଟିମରେ ଶୁଭମାନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, କେ.ଏଲ୍ ରାହୁଲ, ଶ୍ରେୟସ୍ ଆୟର, ୱାଶିଂଟନ୍ ସୁନ୍ଦର, ରବୀନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ହର୍ଷିତ ରାଣା, ପ୍ରସାଦ କୃଷ୍ଣ, କୁଲଦୀପ ଯାଦବ, ଋଷଭ ପନ୍ତ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂ ଏବଂ ଯଶସ୍ୱୀ ଜୟସୱାଲ ରହିଛନ୍ତି।



# ଅସୁସ୍ଥ ହେଲେ ଶୁବମନ ଗିଲ

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ସିରିଜ ପାଇଁ ଆଜି ଟିମ ଇଣ୍ଡିଆ ଘୋଷଣା ହୋଇଛି। ଭାରତୀୟ ଅଧିନାୟକ ଅସୁସ୍ଥ ହୋଇପଡ଼ିଛନ୍ତି, ଯାହା ତାଙ୍କୁ ୨୦୨୫-୨୬ ବିଜୟ ହଜାରେ ଟ୍ରଫିରେ ପଞ୍ଜାବ କ୍ରିକେଟ ଦଳ ପାଇଁ ଖେଳିବାରୁ ବାଧା ଦେଇଛି। ଗିଲ ମ୍ୟାଚ ପାଇଁ ଜୟପୁର ଆସିଥିଲେ ଏବଂ ଖେଳିବାକୁ ବହୁତ ଉତ୍ସାହିତ ଥିଲେ, କିନ୍ତୁ ଅସୁସ୍ଥତା ଯୋଗୁ ଖେଳିପାରିନାହାନ୍ତି। ଏହି ଖବର ଟିମ ଇଣ୍ଡିଆ ପ୍ରଶଂସକଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି।

ପଞ୍ଜାବ ଏବଂ ସିକିମ ମଧ୍ୟରେ ମ୍ୟାଚ ଜୟପୁରର ଜୟପୁରିଆ ବିଦ୍ୟାଳୟ ଗ୍ରାଉଣ୍ଡରେ ଖେଳାଯାଉଛି। ଅଧିନାୟକ ଶୁବମନ ଗିଲ ସେଠାରେ ଖେଳିବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ଖାଦ୍ୟ ବିଷାକ୍ତତା ଯୋଗୁ ସେ ପ୍ଲେଇଂ ଇଲେଭେନର ଅଂଶ ହୋଇପାରି ନଥିଲେ। ଗିଲ ଏବେ ଜାନୁଆରୀ ୬ ତାରିଖରେ ହେବାକୁ ଥିବା ମ୍ୟାଚରେ ପଞ୍ଜାବ ପାଇଁ ଖେଳିପାରନ୍ତି। ପଞ୍ଜାବ ଦଳ ଆଶା କରୁଛି ଯେ ସେ ଗୋଆ ବିପକ୍ଷ ମ୍ୟାଚ ପାଇ ପ୍ଲେଇଂ ଇଲେଭେନର ଅଂଶ ହେବେ। ତଥାପି, ଏହା ଟିମ ଇଣ୍ଡିଆ ପାଇଁ ବହୁତ କଷ୍ଟକର ନୁହେଁ। ଗିଲ ଏକାଦଶ ସିରିଜ ଆରମ୍ଭ ସୁଦ୍ଧା ସମ୍ପୂର୍ଣ୍ଣ ଫିଟ ହୋଇପାରନ୍ତି। ଗିଲଙ୍କ ଫିଟନେସ ମଧ ନିକଟରେ ଖରାପ ରହିଛି। ଆଘାତ ଯୋଗୁ ଗିଲ ଅନେକ ମ୍ୟାଚ ହରାଇଛନ୍ତି, ଯାହା ତାଙ୍କୁ ଅଧିକ ଖେଳ ସମୟ ପାଇବାରୁ ବାଧା ଦେଇଛି।

# ବାଂଲାଦେଶୀ ଖେଳାଳିଙ୍କୁ ବଡ଼ ଝଟକା ! ୯.୨୦ କୋଟି ଟଙ୍କାର କ୍ଷତି ସହିଲେ ମୁସ୍ତାଫିଜୁର

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ନିର୍ଦ୍ଦେଶ ପରେ, କୋଲକାତା ନାଇଟ ରାଇଡର୍ସ ୨୦୨୬ ଆଇପିଏଲ୍ ସିଜିନ ପୂର୍ବରୁ ବାଂଲାଦେଶୀ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ ତାଙ୍କ ଦଳରୁ ମୁକ୍ତ କରିଛି। ମୁସ୍ତାଫିଜୁରଙ୍କୁ ଡିସେମ୍ବର ୨୦୨୫ରେ ଆଇପିଏଲ୍ ୨୦୨୬ ମିନି-ନିଲାମରେ ୯.୨୦ କୋଟି ରେ କେକେଆ କିଣିଥିଲା। ବାଂଲାଦେଶରେ ହିନ୍ଦୁମାନେ ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି, ଯାହା ଭାରତରେ ବ୍ୟାପକ ବିରୋଧ ସୃଷ୍ଟି କରିଛି। ଏହା ମୁସ୍ତାଫିଜୁର ରହମାନଙ୍କୁ ମଧ ପ୍ରଭାବିତ କରିଛି, ଯାହା ଫଳରେ କକଜ ଦଳ ଏବଂ ଆଇପିଏଲ୍ ୨୦୨୬ ରୁ ତାଙ୍କୁ ବହିଷ୍କାର କରିବା ପାଇଁ ଲଗାତାର ଦାବି ହେଉଛି। ଟୁର୍ଣ୍ଣାମେଣ୍ଟରୁ ତାଙ୍କ ବହିଷ୍କାର ପରେ, ମୁସ୍ତାଫିଜୁର ୯.୨୦ କୋଟି କ୍ଷତି ସହିଛନ୍ତି।

ବିସିସିଆଇର ନିର୍ଦ୍ଦେଶ ପରେ ଏକ ସରକାରୀ ବିବୃତ୍ତିରେ, କେକେଆର କହିଛି ଯେ ଫ୍ରାଞ୍ଚାଇଜ ଇଣ୍ଡିଆନ ପ୍ରିମିୟର ଲିଗର ନିୟାମକ ଭାବରେ ବିସିସିଆଇର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିଥିଲା। ବିବୃତ୍ତିରେ ଲେଖାଯାଇଛି, 'କୋଲକାତା ନାଇଟ ରାଇଡର୍ସ ନିଶ୍ଚିତ କରୁଛି ଯେ ବିସିସିଆଇ/ଆଇପିଏଲ୍, ଆଇପିଏଲ୍ ନିୟାମକ ଭାବରେ, ଆଗାମୀ ଆଇପିଏଲ୍ ସିଜିନ ପୂର୍ବରୁ ମୁସ୍ତାଫିଜୁର ରହମାନଙ୍କୁ ଦଳରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ନିର୍ଦ୍ଦେଶକ୍ରମେ ଏହି ମୁକ୍ତ କରାଯାଇଛି, ଉପଯୁକ୍ତ ପ୍ରକ୍ରିୟା ଏବଂ ପରାମର୍ଶ ପରେ। ବିସିସିଆଇ ଆଇପିଏଲ୍ ନିୟମ ଅନୁଯାୟୀ, କୋଲକାତା ନାଇଟ ରାଇଡର୍ସକୁ ଜଣେ ବଦଳ ଖେଳାଳିଙ୍କୁ ମୁକ୍ତ କରିବାକୁ ପଡିବ।' କ୍ରିକେଟ ଦୃଷ୍ଟିକୋଣରୁ, ଏହି ନିଷ୍ପତ୍ତି କେକେଆର ପାଇଁ ଏକ ବଡ଼ ଆଘାତ, କାରଣ ଫ୍ରାଞ୍ଚାଇଜ ତାଙ୍କୁ ଡେଥ-ଓଭର ବିଶେଷଜ୍ଞ ଭାବରେ ଯଥେଷ୍ଟ ପରିମାଣରେ କିଣିଥିଲା। ମୁସ୍ତାଫିଜୁର ସୀମିତ ଓଭର କ୍ରିକେଟରେ ତାଙ୍କର ଭିନ୍ନତା ଏବଂ ପ୍ରଭାବଶାଳୀ ବୋଲିଂ ପାଇଁ ଜଣାଶୁଣା। ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା, ବିଶେଷକରି ଧୀର ପିଚରେ। ତଥାପି, ବିସିସିଆଇ ଫ୍ରାଞ୍ଚାଇଜକୁ ଆଶ୍ୱାସନା ଦେଇଛି ଯେ ଯଦି ସେମାନେ ଚାହାଁନ୍ତି ତେବେ ସେମାନଙ୍କୁ ଜଣେ ବଦଳ ଖେଳାଳିଙ୍କୁ ଚୁକ୍ତି କରିବାକୁ ଅନୁମତି ଦିଆଯିବ।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମୁସ୍ତାଫିଜୁର ରହମାନଙ୍କ ମୋଟ ସମ୍ପତ୍ତି ପ୍ରାୟ ୧୧ କୋଟି। ସେ ମୁଖ୍ୟତଃ ଆଇପିଏଲ୍ ଚୁକ୍ତିନାମା, ଅନ୍ତର୍ଜାତୀୟ ମ୍ୟାଚ ଫି ଏବଂ ବ୍ରାଣ୍ଡ ଅନୁମୋଦନରୁ ରୋଜଗାର କରନ୍ତି। ୨୦୨୫ ସିଜିନ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ସହିତ ତାଙ୍କର ଆଇପିଏଲ୍ ଦରମା ୬କୋଟି ଥିଲା। ଆଇପିଏଲ୍ ବ୍ୟତୀତ, ତାଙ୍କର ଆୟ ଉତ୍ସ ମଧ୍ୟରେ ବାଂଲାଦେଶ ଜାତୀୟ ଦଳ ସହିତ ମ୍ୟାଚ ଫିସ ଏବଂ ପ୍ରାୟୋଜକ ଚୁକ୍ତି ଅନ୍ତର୍ଭୁକ୍ତ। ମୁସ୍ତାଫିଜୁର ବିଶ୍ୱର ଅନେକ ଟି-୨୦ ଲିଗରେ ମଧ ଖେଳନ୍ତି ଏବଂ ତାଙ୍କର ଆୟ ଅର୍ଜନ କରନ୍ତି। ସେ ବାଂଲାଦେଶ ପ୍ରିମିୟର ଲିଗରେ ଜଣେ ପ୍ରମୁଖ ଖେଳାଳି ହୋଇଛନ୍ତି, ଯେଉଁଠାରେ ସେ ୮୨ଟି ମ୍ୟାଚ ଖେଳିଛନ୍ତି। ସେ ଲଙ୍କା ପ୍ରିମିୟର ଲିଗ, ପାକିସ୍ତାନ ସୁପର ଲିଗ ଏବଂ ଭାଇଟାଲିଟି ବ୍ଲାଷ୍ଟରେ ମଧ ଅଂଶଗ୍ରହଣ କରିଛନ୍ତି।



# ରୋୟାଲ ପ୍ରିମିୟର ଲିଗ ଉଦ୍‌ଘାଟିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କ୍ଷେତ୍ରସନ ଆଥେଲେଟିକ ଆସୋସିଏସନ ପକ୍ଷରୁ ଶନିବାର ରୋୟାଲ ପ୍ରିମିୟର ଲିଗ ସିଜନ ୧୧ ଉଦଘାଟିତ ହୋଇଯାଇଛି। ବାରିପଦା ପୌରପଳିକା ଅନ୍ତର୍ଗତ କ୍ଷେତ୍ରସନ ବଜ଼ାର ସ୍ଥିତ ଖେଳ ପଡିଆ ଠାରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଛି। ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଲିଗ୍ ଅଧକ୍ଷ ଗିରିଶ ଚନ୍ଦ୍ର ଦାସ, ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ ତଥା ୨୫ ନମ୍ବର ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, କ୍ଷେତ୍ରସନ ଆଥେଲେଟିକ ସଂଘର ଉପ ସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଏବଂ କ୍ଲବର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଉଦଘାଟନ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚରେ ମା ଅମ୍ବିକା ସୁପର ସ୍ମାସର ଦଳ ଏମର୍ଜିଂ ଟାଇଟନ୍ ଦଳକୁ ୪୮ ରନରେ ପରାସ୍ତ କରିଛନ୍ତି। ତାପସ ନାୟକ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ ଆଞ୍ଜେଲ ରଣା ଦଳ ମା ତାରିଣୀ ୱାରିଅର୍ସ ଦଳକୁ ୪୫ ରନ୍‌ରେ ପରାସ୍ତ କରିଛନ୍ତି। ଲାଲଟୁ ସିଂ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ତୃତୀୟ ମ୍ୟାଚରେ ପରି ଚାଲେଞ୍ଜର୍ ଦଳ ଭି ରାର୍ ଦଳକୁ ୩ ରନରେ ପରାସ୍ତ କରିଛନ୍ତି। ମାନସ୍ ସିଂ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚତୁର୍ଥ ମ୍ୟାଚରେ ଜଗନ୍ନାଥ ୱାରିଓର ଦଳ ଥ୍ରିଲର ଦଳକୁ ୯ ୱିକେଟରେ ପରାସ୍ତ କରିଥିବା ବେଳେ ଦିବ୍ୟେଶ୍ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ଲିଗ୍ ଶନିବାର ଠାରୁ ଆରମ୍ଭ ହୋଇ ଜାନୁଆରୀ ୧୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆଜିର ମ୍ୟାଚକୁ ଲକ୍ଷ୍ମୀଧର ସିଂ, ପ୍ରସଂଜିତ୍ ମହାନ୍ତି, କିଶୋର ମହାପାତ୍ର ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ବିଭୁ ଏବଂ ମ୍ୟାଚ୍ ରେଫେରି ଭାବେ ରାଜେଶ ସାହୁ ସହଯୋଗ କରିଥିଲେ।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବନାରସ କ୍ରିକେଟ୍ କ୍ଲବ୍‌କୁ ହରାଇ ବାପୁଜୀ କ୍ଲବ୍, ଭୁବନେଶ୍ୱର ସେମିଫାଇନାଲରେ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍, ଯାଜପୁରର ମିଳିତ ଉଦ୍ୟମରେ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅଶୋକ ଦାସ ମେମୋରିଆଲ୍ ସର୍ବ ଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପଞ୍ଚମ ଦିବସ ମ୍ୟାଚ ବନାରସ କ୍ରିକେଟ୍ କ୍ଲବ୍ ଓ ବାପୁଜୀ କ୍ଲବ୍, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବନାରସ କ୍ରିକେଟ୍ କ୍ଲବ୍ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୩.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୩୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବେଦ ପ୍ରକାଶ ସର୍ବାଧିକ ୪୭ରନ୍ ସଂଗ୍ରହ କରିଥିଲେ। ବାପୁଜୀ କ୍ଲବ୍, ଭୁବନେଶ୍ୱରର ବୋଲର କ୍ଷମା ସାଗର ୫ଓଭର ବୋଲିଂ କରି ୨୦ରନ୍ ଦେଇ ୩ୱିକେଟ୍ ନେଇଥିବା ବେଳେ ସୟଦ ଜାକି ୫ଓଭର ବୋଲିଂ କରି ୨୪ରନ୍ ଦେଇ ୩ୱିକେଟ୍ ଅକ୍ତିୟାର କରିଥିଲେ। ଏହାର ଜବାବରେ ବାପୁଜୀ କ୍ଲବ୍, ଭୁବନେଶ୍ୱର ୧୪ଓଭର ଖେଳି ୩ୱିକେଟ୍ ହରାଇ ୧୩୯ରନ୍ ସଂଗ୍ରହ କରି ବନାରସ କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ବିକାଶ ଦୀକ୍ଷିତ ସର୍ବାଧିକ ୬୯ ରନ୍ ସଂଗ୍ରହ କରିଥିବା ବେଳେ ଜୟନ୍ତ କାୱତ୍ ୫୨ରନ୍ ସଂଗ୍ରହ କରିଥିଲେ। ଆଜିର ମ୍ୟାଚ୍ କୁ ବାପୁଜୀ କ୍ଲବ୍, ଭୁବନେଶ୍ୱର ୭ୱିକେଟ୍ ରେ ବିଜୟ ହାସଲ କରିଥିଲା। ଆଜିର ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିକାଶ ଦୀକ୍ଷିତ ଙ୍କୁ ଯାଜପୁର ସହରର ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ମନୋଜ କୁମାର ସାହୁ ପୁରସ୍କୃତ କରିଥିଲେ। ଏହି ମ୍ୟାଚକୁ ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ମହାପାତ୍ର, ମନୋଜ ସାହୁ, ଦିବାକର କର, ସଞ୍ଜୟ ବେହେରା, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ଭୂପତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ରଞ୍ଜନ ମହାନ୍ତି, ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ପରିଚାଳନା କରିଥିଲେ।



# କୃତି କରାଟେ ପ୍ରତିଯୋଗୀ ସମ୍ବର୍ଦ୍ଧିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ଆୟୋଜିତ ୧୫ତମ ସର୍ବ ଭାରତୀୟ କରାଟେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପାଲବଣି ସ୍ଥିତ ଉତ୍କଳ କରାଟେ ସ୍କୁଲର ବାରିପଦା ମୁଖ୍ୟ ଶାଖାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରତିଷ୍ଠାତା ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସଭାପତି ତଥା ସ୍ଥାନୀୟ କାଉନସିଲର ଦେବାଶିଷ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡିସେମ୍ବର ୨୭ରୁ ୩୦ ପର୍ଯ୍ୟନ୍ତ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ୨୨ଜଣ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି। ସେମାନଙ୍କୁ ଅତିଥି ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନେକ ବିଭାଗର ପ୍ରତିଯୋଗିତା ହୋଇଥିଲା। ଉନ୍ନତ କ୍ରୀଡା ପ୍ରଦର୍ଶନ କରି ଉକ୍ତ ପ୍ରତିଯୋଗି ମାନେ କୃତି ହାସଲ କରିଛନ୍ତି। ଖେଳାଳିଙ୍କୁ ସଫଳତା ପାଇଁ ମୁଖ୍ୟ ଅତିଥି ଶ୍ରୀ ପାତ୍ର ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଗଞ୍ଜାମ ମହିଳା କ୍ରିକେଟ ଆସୋସିଏସନ ୬ ୱିକେଟରେ ବିଜୟୀ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏକାଦଶ ଦିବସରେ ଗଞ୍ଜାମ ମହିଳା କ୍ରିକେଟ ଆସୋସିଏସନ ସହ ପୁରୀ ମହିଳା କ୍ରିକେଟ ଆସୋସିଏସନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ରମ୍ଭା ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଅଧକ୍ଷା ପ୍ରତିନିଧି ସୁରଥ ପ୍ରାଧନ ଏବଂ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ମଞ୍ଚାସିନ ବ୍ୟକ୍ତି ମାନେ ଉପସ୍ଥିତ ଖେଳାଳି ମାନଙ୍କୁ ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ମତ ପୋଷଣ କରିବା ସହ ନିକଟରେ ଭାରତ ବିଶ୍ୱରେ ମହିଳା ଓ ଦିବ୍ୟାଙ୍ଗ ମହିଳା ମାନେ ଖେଳ ଖେଳି ସାରା ପୃଥିବୀରେ ରଚିତ ହୋଇଥିଲେ। ଏହାକୁ ଅନୁକରଣ କରିବା ପାଇଁ ଉପସ୍ଥିତ ଖେଳାଳି ମାନଙ୍କୁ ପରାମର୍ଶ ଦେଇଥିଲେ। ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାତାତ୍ୟା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି, ଏବଂ ପୁରୀର ଅଭିଭାବକ ପ୍ରମୁଖ ମଞ୍ଚାସିନ ରହିଥିଲେ। ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକାଦଶ ଦିବସରେ ପ୍ରଥମ ଇନିଂସରେ ପୁରୀ ଟସ୍ ଜିତି ବେଟିଂ ର ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୬ ଗୋଟି ୱିକେଟ ବିନିମୟରେ ୧୨୨ ରନ ସଂଗୃହିତ କରିଥିଲେ। ପୁରୀ ଦଳ ପକ୍ଷରୁ ଅଧିନାୟିକା ସାଲିନି ଦାଶ ସର୍ବାଧିକ ୪୦ ଗୋଟି ବଲରେ ୪୩ ରନ ସଂଗୃହିତ କରି ବେଷ୍ଟ ବେଟସ ମେନ ଘୋଷିତ ହୋଇଥିଲେ। ଜବାବରେ ଗଞ୍ଜାମ କ୍ରିକେଟ ଆସୋସିଏସନ ଅଧିନାୟିକା ଜୁଲି ବେହେରା ୬ ଗୋଟି ବଲ ହାତରେ ରଖି ୬ ଗୋଟି ୱିକେଟ ବିନିମୟରେ ସହଜ ବିଜୟ ହାସଲ କରିଥିଲେ। ଗଞ୍ଜାମ ଦଳ ପକ୍ଷରୁ ମିନତୀ ବେହେରା ୪୩ ଗୋଟି ବଲରେ ୩୯ ରନ ସଂଗୃହିତ କରି ମେନ ଅଫ ମେଚ ଘୋଷିତ ହୋଇଥିଲେ। ମୁଖ୍ୟ ଅତିଥି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ମେନ ଅଫ ଦି ମେଚ ମିନତୀ ବେହେରାଙ୍କୁ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ।

## ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ତରଫରୁ ୧୫ ତମ ରାଜ୍ୟ ସମ୍ମିଳନୀ

# ଶତାୟୁ ଓଡ଼ିଶା ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଳା ସଂସ୍କୃତି,ଲୋକ ନୃତ୍ୟ, ଖଣିଜ ସଂପଦ, ପର୍ଯ୍ୟଟନ ସ୍ଥଳୀ, କୃଷି ଜଙ୍ଗଲ, ସୁଦୀର୍ଘ ବେଳା ଭୂମି ସହ ମାନବ ସମ୍ବଳ ଓଡ଼ିଶା ପ୍ରତି ପ୍ରକୃତି ଓ ଶ୍ରୀ ଜଗନ୍ନାଥ ପ୍ରଭୁଙ୍କ ଅମୂଲ୍ୟ ବରଦାନ।

ଓଡ଼ିଶା ଏକ ସଂସ୍କୃତି ସଂପନ୍ନ, ଐତିହ୍ୟ ବିମଣ୍ଡିତ, ପୁରାଣ ପ୍ରସିଦ୍ଧ ପ୍ରାଚୀନ ଭୂଖଣ୍ଡ। ଅତୀତରେ ଓଡ଼ିଆମାନେ କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ, ପରାକ୍ରମ ଓ ବଣିଜ କ୍ଷେତ୍ରରେ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଲାଭ କରିଥିଲେ। ଖାରବେଳଙ୍କ ସମୟର ଓଡ଼ିଶା ଓ ପଞ୍ଚଦଶ ଶତାବ୍ଦୀ କପିଳେନ୍ଦ୍ରଦେବଙ୍କ ସମୟର ଓଡ଼ିଶା ସବୁ ଦିଗରୁ ସମୃଦ୍ଧ, ବିତ୍ତଶାଳୀ ଥିଲା କ୍ଷ ପରବର୍ତ୍ତୀ ସମୟରେ ଓଡ଼ିଶା ବାହ୍ୟ ଶକ୍ତିଙ୍କ ଦ୍ୱାରା ଆକ୍ରମିତ ହେଲା। ୧୫୬୮ ମସିହା ଗୋହିରା ଟିକିରି ଯୁଦ୍ଧରେ ଦ୍ୱିତୀୟ ମୁକୁନ୍ଦଦେବ ପରାସ୍ତ ହେଲେ। ଓଡ଼ିଶା ପରାଧୀନ ହେଲା। ପାଖାପାଖି ୩୫୦ ବର୍ଷର ପରାଧୀନତା ଓଡ଼ିଆମାନଙ୍କୁ ଶିଥିଳ, ଆଳସ୍ୟ ପରାୟଣ ଓ ପରମୁଖାପେକ୍ଷୀ କରିଦେଲା। ଓଡ଼ିଶା ବିଖଣ୍ଡିତ ହୋଇଗଲା। ଆମର ଅନେକ ଅଞ୍ଚଳ ପଡ଼ୋଶୀ ରାଜ୍ୟମାନଙ୍କ ଦଖଲକୁ ଚାଲିଗଲା। ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ସମେତ ଓଡ଼ିଶାର ସୁଯୋଗ୍ୟ ବରପୁତ୍ରମାନଙ୍କ ତ୍ୟାଗପୂତ ପ୍ରୟାସ ଫଳରେ ୧୯୩୬ ଅପ୍ରେଲ୍ ୧ ତାରିଖ ଦିନ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ପ୍ରଦେଶର ମାନ୍ୟତା ପାଇଲା। ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ଦେଶ ସ୍ୱାଧୀନତା ଲାଭ କଲା। ମାତ୍ର ଓଡ଼ିଶା ଯେଉଁଳି ବିକଶିତ ହେବା କଥା, ତାହା ବିଭିନ୍ନ କାରଣରୁ ଏ ଯାବତ୍ ସମ୍ଭବ ହୋଇପାରି ନାହିଁ। ଯେହେତୁ ଆମର ପ୍ରଥମ ପରିଚୟ ହେଉଛି ଆମ ମାତୃଭାଷା, ସେହି ଦୃଷ୍ଟିରୁ ଓଡ଼ିଆ ଭାଷା-ସାହିତ୍ୟର ସର୍ବବିଧ ବିକାଶ ମାଧ୍ୟମରେ ଓଡ଼ିଶାକୁ ବିକଶିତ ରାଜ୍ୟ ରୂପେ ପ୍ରତିଷ୍ଠିତ କରାଯାଇପାରିବ।

ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ଗତ କିଛି ବର୍ଷ ଧରି ଏ ଦିଗରେ କାର୍ଯ୍ୟ କରି ଆସୁଅଛି। ଭୁବନେଶ୍ୱର, ବ୍ରହ୍ମପୁର ସମେତ ରାଷ୍ଟ୍ରୀୟ ରାଜଧାନୀ ନୂଆଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର ଓ କଲିକତା ଆଦି ମହାନଗରରେ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ ଆୟୋଜନ ପୂର୍ବକ ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ଓଡ଼ିଆ ଅସ୍ମିତା ସୃଷ୍ଟି ଦିଗରେ ଏହି ଅନୁଷ୍ଠାନ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଥିବା ଶୁଣି ମୁଁ ବିଶେଷ ଭାବରେ ଆନନ୍ଦିତ। ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ କଳା, ବିଜ୍ଞାନ, ବାଣିଜ୍ୟ, ଯାନ୍ତ୍ରିକ ବିଜ୍ଞାନ, ସଭେଷଜ ବିଜ୍ଞାନ ସମେତ ସମସ୍ତ ବିଷୟ ମାତୃଭାଷା ଓଡ଼ିଆରେ ପଢ଼ାଯିବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଦିଗରେ ଆମ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ହେବ। ଆଗାମୀ ପିଢ଼ି ଆମ ଜଗନ୍ନାଥ, ଆମ ସଂସ୍କୃତି, ଆମ ପରମ୍ପରା ଓ ଆମ ଭାଷା-ସାହିତ୍ୟ ସହିତ ଆତ୍ମିକ ଭାବେ ସଂପର୍କିତ ହେଲେ ଓଡ଼ିଶା ବିକାଶର ଚିତ୍ର ଅଙ୍କାଯାଇ ପାରିବ କ୍ଷ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ଦେଶବିଦେଶରେ ବସବାସ କରୁଥିବା ଓଡ଼ିଆଭାଷୀଙ୍କ ମନରେ ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠା ଦିଗରେ ଆରମ୍ଭ କରିଥିବା ଅଭିଯାନ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ଏକ ଜାତୀୟ କାର୍ଯ୍ୟ। ଆସନ୍ତୁ ଆମେ ସମସ୍ତେ ହାତକୁ ହାତ ମିଳାଇ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠା ନିମନ୍ତେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ବୋଲି ଜୟ ଦେବ ଭବନ ଠାରେ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ତରଫରୁ ଆୟୋଜିତ ୧୫ ତମ ରାଜ୍ୟ ସମ୍ମିଳନୀରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ରବିନାରାୟଣ ବେହେରା, ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ଚଳଚିତ୍ର ଅଭିନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରଶାନ୍ତ ନନ୍ଦ, ଜାଭିଆର ଗ୍ରୁପ ବିଦ୍ୟାଳୟ ର ସଭାପତି ଡ ବଦ୍ରିନାଥ ପଟ୍ଟନାୟକ, ମୁମ୍ବାଇ ଓଡ଼ିଆ ମହସଂଘ ସଭାପତି ଡ ବିପିନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରତିଷ୍ଠାନ ର ସଭାପତି ଶୁଶାନ୍ତ କୁମାର ସାବତ ସମ୍ମିଳନୀ ର ଅଧକ୍ଷତା କରି ଶତାୟୁ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତି କରାଇବା ନିମନ୍ତେ ଦଳ ମତ ଅନୁଷ୍ଠାନ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାର ସମୟ ଆସିଛି ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ମାନଙ୍କୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ସୁନ୍ଦର୍ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ ହୋଇଥିଲା। ରାଜ୍ୟର ବିଭନ୍ନପ୍ରାନ୍ତରୁ ୪୦୦ ରୁ ଉର୍ଦ୍ଧ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶାନ୍ତନୁ କୁମାର ରଣା ସଂଯୋଜନା କରିଥିବା ବେଳେ ସଂଯୁକ୍ତା ପଣ୍ଡା, ମାନସ ଦାସ, ଶ୍ରୀକାନ୍ତ ସାବତ, ସୂର୍ଯ୍ୟ ନାରାୟଣ ପାତ୍ର, ଆଦ୍ୟଶ୍ରୀ ସାବତ, ତପନ ପଣ୍ଡା, ଶ୍ରୀ ଦେବେନ୍ଦ୍ର ଚୌଧୁରୀ, ଶ୍ରୀ ହିରନ୍ୟା ପାତ୍ର, ଶ୍ରୀ ରବି ଶଙ୍କର, ନିଲମାଧବ ତ୍ରିପାଠୀ, ମଂନରଞ୍ଜନ ପାଣିଗ୍ରାହୀ, ଜୟଶ୍ରୀ ସାବତ, ମନରଞ୍ଜନ ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



31 YEARS
ଭୁବନେଶ୍ୱର, ୦୪ ଜାନୁଆରୀ ୨୦୨୬ ରବିବାର





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜାନକୀବାବୁ ...

ଥିଲା ତାଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ସାହିତ୍ୟିକ କୃତି । ପରେ ସେ ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତର ଓଡ଼ିଆ ଗଦ୍ୟାନୁବାଦ କରିଥିଲେ। କବି ଭର୍ତ୍ତୃହରିଙ୍କ ଲିଖିତ 'ଶୃଙ୍ଗାର ଶତକ', 'ନୀତି ଶତକ' ଓ 'ବୈରାଗ୍ୟ ଶତକ'ର ଅନୁବାଦ ତାଙ୍କର ଅନବଦ୍ୟ ସଫଳତା । ଆସାମର ରାଜ୍ୟପାଳ ଭାବରେ ତାଙ୍କ ଅଭିବ୍ୟକ୍ତିଗୁଡିକ ମଧ୍ୟରେ 'ଆସାମରୁ ଲେଖୁଛି' ଓ ଆତ୍ମଜୀବନୀର ଅଂଶ 'ଅସମାପ୍ତ ଆତ୍ମଲିପି' ରେ ମଧ୍ୟ ସେ ସାରସ୍ୱତ ଦୃଷ୍ଟିଭଙ୍ଗୀର ପ୍ରମାଣ ମିଳେ। ସେ ଆହୁରି କହିଥିଲେ, ସଂସ୍କୃତ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଏହି ପାଣ୍ଡିତ୍ୟ ପାଇଁ ସେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ପ୍ରଜ୍ଞାନ ବାଚସ୍ପତି ଓ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରୁ ଡ଼ି. ଲିଟ ଉପାଧି ଲାଭ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ହିସାବରେ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିଥିଲେ । ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି । ଜାନକୀବଲ୍ଲଭ ଥିଲେ ଅସାଧାରଣ ବିଦ୍ୱାନ ଓ ବାଗ୍ମୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡିଶାର ଯୁବବର୍ଗଙ୍କୁ ଉଦ୍ୟୋଗୀ କରିବା ପାଇଁ ୧୯୮୦ ମସିହାରେ ସେ ଓଡିଶାରେ ପ୍ରଥମ ଥର ପାଇଁ ବ୍ୟାପକ ଶିଳ୍ପାୟନର ଉଦ୍ୟମ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେତେବେଳେ ହଜାର ଦିନରେ ହଜାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସେ ଯେଉଁ ଆହ୍ୱାନ ଦେଇଥିଲେ, ତାହା ସେ ସମୟରେ ଯୁବ ବର୍ଗଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରାପ୍ପା ମୋଇଲି ଯୋଗଦେଇ ଜାନକୀବାବୁଙ୍କୁ ଜଣେ ସଫଳ ରାଜନେତା ଏବଂ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି ବର୍ଣ୍ଣନା କରି ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ନିଜର ଅଭିଭାଷଣ ରଖି କହିଥିଲେ ଯେ ଓଡ଼ିଶାକୁ ବିକାଶର ରାସ୍ତାରେ ଆଗକୁ ବଢ଼ାଇବା ସହ ଲୋକଙ୍କ ଉନ୍ନତିରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ। ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ସେ କହିଛନ୍ତି ଜନକୀ ବାବୁ ୬୦ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାର ଜନ ଜୀବନ ସହ ଜଡିତ ଥିଲେ। ତାଙ୍କର ଜୀବନ ସାହିତ୍ୟ, ସଂସ୍କୃତି ଓ ରାଜନୀତିର ତ୍ରିବେଣୀ ସଙ୍ଗମ ଥିଲା । ଦୀର୍ଘ ୧୪ ବର୍ଷ ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ଭାବରେ ଲୋକଙ୍କ ସେବା କରିଛନ୍ତି । କୃଷି, ଜଳସେଚନ, ଆଇଟି କ୍ଷେତ୍ରରେ ଅନେକ କାମ କରି ଯାଇଛନ୍ତି । ମୁଁ ମୁଖ୍ୟମନ୍ତ୍ରୀ ଥିଲା ବେଳେ ସେ ବିରୋଧୀ ଦଳ ନେତା ଥିଲେ । ସେ ସମୟରେ ସେ ଅନେକ ଗଠନମୂଳକ ପ୍ରସ୍ତାବ ଦେଇଛନ୍ତି । ତାଙ୍କର ବଡ଼ ଆସେଟ୍ ଥିଲା ସାଂଗଠନିକ ଦକ୍ଷତା ଓ ଧୈର୍ଯ୍ୟ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପ୍ରଫୁଲ୍ଲ ଘଡାଇ, ସୁରେଶ କୁମାର ରାଉତରାୟ, ବିଶିଷ୍ଟ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାଶ, ଗୌରହରୀ ଦାସ, ବିଶିଷ୍ଟ ଶିଳ୍ପଦ୍ୟୋଗୀ (ହୋଟେଲିୟର) ଜେ.କେ ମହାନ୍ତି, ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ପ୍ରଶାନ୍ତ ନନ୍ଦ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପଣ୍ଡା, ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଗୋପାଳବଲ୍ଲଭ ପଟ୍ଟନାୟକ, ରାଜ୍ୟସଭା ସାଂସଦ ରଣଦୀପ ସୂର୍ଯେୱାଲା, ଏଆଇସିସି ଓଡିଶା ପ୍ରଭାରୀ ଅଜୟ କୁମାର ଲାଲୁ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ଡକ୍ଟର ହରେକୃଷ୍ଣ ଶତପଥୀ ପ୍ରମୁଖ ଅଭିଭାଷଣ ପ୍ରଦାନ କରି ଜାନକୀବଲ୍ଲଭ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ଏବଂ ଓଡ଼ିଶା ପ୍ରତି ଅବଦାନ ବାବଦରେ ବିଷଦଭାବେ ଆଲୋକପାତ କରିଥିଲେ। ଜନନେତା ଜାନକୀବଲ୍ଲଭ ପଟ୍ଟନାୟକ ଶତ ବାର୍ଷିକୀ କମିଟିର ସଭାପତି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଆଧୁନିକ ଓଡ଼ିଶାର ନିର୍ମାତା ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅବଦାନକୁ ସ୍ମରଣ କରି ତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ କଳିଙ୍ଗ ଷ୍ଟାଡିୟମ କିମ୍ବା ଏକାମ୍ର ପାର୍କ ଠାରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ କଳିଙ୍ଗ ଷ୍ଟାଡିୟମ ଓ ଭୁବନେଶ୍ୱର ରେଳଷ୍ଟେସନକୁ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନାମରେ ନାମିତ କରିବା ପାଇଁ ଶ୍ରୀ ପଟ୍ଟନାୟକ ଶତବାର୍ଷିକୀ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଜଣାଇବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ଦ୍ୱାରା ରଚିତ ଏକ ସ୍ୱତନ୍ତ୍ର ପୁସ୍ତକକୁ ଅତିଥିମାନେ ପାଠକାର୍ପଣ କରିଥିବା ବେଳେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ ଓ ଓଡ଼ିଶା ପାଇଁ ଉଲ୍ଲେଖନୀୟ ଅବଦାନ ସମ୍ବଳିତ କାର୍ଯ୍ୟାବଳୀ ଉପରେ ଏକ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ପ୍ରାରମ୍ଭରେ ଶତବାର୍ଷିକୀ କମିଟି ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ସଂସ୍କୃତ ବିଦ୍ୱାନ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସମାରୋହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ସାଂସଦ ସପ୍ତଗିରି ଉଲ୍ଲାକା, ବିଜେଡ଼ିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ୍ମାମ, ପିସିସି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଡ. ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ଶରତ ପଟ୍ଟନାୟକ, ସିପିଏମ୍ ନେତା ସୁରେଶ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ଦଳର ନେତୃସ୍ଥାନୀୟ ବ୍ୟକ୍ତି ମଞ୍ଚାସୀନ ଥିଲେ।

## ଅଟୋକୁ ଧକ୍କା...

ସେପଟେ ଦୁର୍ଘଟଣା ପାଇଁ ପ୍ରତ୍ୟକ୍ଷଦର୍ଶୀମାନେ ସିଧାସଳଖ ଭାବେ 'ଆମ ବସ୍' ଚାଳକଙ୍କୁ ଦାୟୀ କରିଛନ୍ତି। ସେମାନଙ୍କ ଅଭିଯୋଗ କରିଛନ୍ତି ଯେ, ବସ୍ ଚାଳକଙ୍କ ଅବହେଳା ଏବଂ ଟ୍ରାଫିକ୍ ସିଗ୍ନାଲରେ ବସ୍ ନ ରହିବାରୁ ଏହି ଦୁର୍ଘଟଣାଟି ଘଟିଛି । ଡିସିପି ଜଗମୋହନ ମୀନା କହିଛନ୍ତି, 'ଆମେ ପୋଲିସ ଫୋର୍ସ ନେଇ ଦୁର୍ଘଟଣାସ୍ଥଳରେ ପହଞ୍ଚିଛୁ । ରାସ୍ତାରେ ଗାଡ଼ିଚଳାଚଳ ସ୍ୱଭାବିକ କରାଯାଇଛି । କିଭଳି ଦୁର୍ଘଟଣା ଘଟିଲା ସେନେଇ ସିସିଟିଭି ଯାଞ୍ଚ କରାଯିବ । ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।'ଏହି ଘଟଣାକୁ ନେଇ କ୍ରୁଟ ଦୁଃଖ ପ୍ରକାଶ କରିବା ସହିତ ମୃତକ ଓ ଆହତଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛି । ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତିକୁ ରୋକିବା ପାଇଁ କଡ଼ା ନିଷ୍ପତ୍ତି ନିଆଯାଉଛି । ଏହି ଘଟଣାରେ ଆହତ ବ୍ୟକ୍ତିଙ୍କୁ ୫୦,୦୦୦ ଟଙ୍କା କ୍ଷତିପୂରଣ ଦେଇଥିବା ବେଳେ ମୃତକଙ୍କ ପରିବାରକୁ ତୁରନ୍ତ ସହାୟତା ସ୍ୱରୂପ ଦୁଇ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଛି ବୋଲି କ୍ରୁଟ କହିଛି । ଏପଟେ ଅଟୋ ଓ ଆମ ବସ ଦୁର୍ଘଟଣାକୁ ଏକ ଘଣ୍ଟା ବିତି ନଥିବାରେ ବେଳେ ରୁପାଲି ଛକ ନିକଟରେ ଆଉ ଏକ ଘଟଣା ଘଟିଛି । ଆମ ବସ ଏକ ସ୍କୁଟି ଚାଳକଙ୍କୁ ଧକା ଦେବା ଫଳରେ ଘଟଣାସ୍ଥଳରେ ଉତ୍ୟକ୍ତ ଲୋକମାନେ ବସକୁ ଘେରି ଡ୍ରାଇଭରକୁ ମାଡ ମାରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିଛି ।

## ଚିଲିକା ପାଇଁ ...

ଆଲୋଚନା ହୋଇଛି । ଚିଲିକାକୁ କ୍ଷତି ପହଞ୍ଚାଯିବନି । ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ । ପ୍ରକଳ୍ପ ରିପୋର୍ଟ ଶନିବାର ଉପସ୍ଥାପନ କରାଯାଇଛି । ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକ ପୂର୍ତ୍ତ ମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ସାଂସଦ ସମ୍ବିତ ପାତ୍ର, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଓ ଆଇଆଇଟି ମାଡ୍ରାସର ପ୍ରତିନିଧି ଉପସ୍ଥିତ ଥିଲେ । ଖୁବଶୀଘ୍ର ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ କହିଛନ୍ତି ।

## ୧୫୧ଟି ଅଧିକ ...

ଅନୁରୋଧ କରାଯାଇଛି। ଏହାଦ୍ୱାରା ଏହିସବୁ ପଦବୀ ପାଇଁ ଆଶାୟୀ ଥିବା ଅନେକ ଯୁବକ ଯୁବତୀ ପରୀକ୍ଷା ଦେଇ ନିଜ ଯୋଗ୍ୟତା ବଳରେ ସଫଳତା ହାସଲ କରି ପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି ଏବଂ ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ ହୋଇସାରିଛି। ବର୍ତ୍ତମାନ ମଧ୍ୟ ବିଭିନ୍ନ ଆୟୋଗ ଦ୍ୱାରା ଯେଉଁ ପରୀକ୍ଷା କରାଯିବ, ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ଯେତେ ପଦବୀ ଖାଲିଥିବ ସବୁ ପୂରଣ କରିବା ପାଇଁ ଆୟୋଗ ଗୁଡିକୁ ସୁପାରିସ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଗାମୀ ୪ଦିନ...

ଅତ୍ୟନ୍ତ ସୀମିତ ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁସାରେ, ରାଜ୍ୟର ଅନେକ ଜିଲ୍ଲାରେ ଆସନ୍ତା ଚାରି ଦିନ ପର୍ଯ୍ୟନ୍ତ କୁହୁଡ଼ିର ପ୍ରଭାବ ରହିବାର ସମ୍ଭାବନା ଅଛି। ଆଗାମୀ ୨୪ ଘଣ୍ଟା ପାଇଁ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ୧୪ଟି ଜିଲ୍ଲାରେ କୁହୁଡ଼ି ସତର୍କତା ଜାରି କରି ଲୋକମାନଙ୍କୁ, ବିଶେଷକରି ଭୋର ଓ ସକାଳ ସମୟରେ ଯାତ୍ରା କରିବାବେଳେ ସାବଧାନ ରହିବାକୁ ଅନୁରୋଧ କରିଛି। ଘନ କୁହୁଡ଼ିକୁ ନେଇ ଖୋର୍ଦ୍ଧା, ପୁରୀ, କଟକ ଓ ଜଗତସିଂହପୁର ଏହି ଚାରିଟି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି ଓ ସୁନ୍ଦରଗଡ଼ ସହିତ ୧୦ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ଛତିଶଗଡରେ ...

ଜିଲ୍ଲାର ଦକ୍ଷିଣାଞ୍ଚଳରେ ସଶସ୍ତ୍ର ମାଓବାଦୀଙ୍କ ଉପସ୍ଥିତି ବିଷୟରେ ବିଶ୍ୱସ୍ତ ସୂଚନା ଆଧାରରେ ସୁରକ୍ଷା ବାହିନୀ ଏକ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଏହି ଅପରେସନର ଅଂଶ ସ୍ୱରୂପ ଦକ୍ଷିଣ ବସ୍ତର ଅଞ୍ଚଳରେ ଡିଆରଜି ଦଳଗୁଡ଼ିକୁ ନିୟୋଜିତ କରାଯାଇଥିଲା। ଅପରେସନ ସମୟରେ, ଶନିବାର ସକାଳ ପ୍ରାୟ ୫ଟାରୁ ବିଜାପୁର ଜିଲ୍ଲାରେ ଡିଆରଜି ଏବଂ ମାଓବାଦୀଙ୍କ ମଧ୍ୟରେ ମଝିରେ ମଝିରେ ଏନକାଉଣ୍ଟର ଜାରି ରହିଛି, ଯେତେବେଳେକି ସକାଳ ପ୍ରାୟ ୮ଟାରୁ ସୁକମା ଜିଲ୍ଲାର କୋଣ୍ଟା ଏବଂ କିସ୍ତାରାମ ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ନକ୍ସଲଙ୍କ ମଧ୍ୟରେ ମଝିରେ ଗୁଳି ବିନିମୟ ମଧ୍ୟ ଚାଲିଛି।

# ଜାତୀୟ ଯୁବ ଦିବସରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ହେବ 'ବନ୍ଦେ ମାତରମ୍' ସାମୂହିକ ଗାନ

# ଛାତ୍ରଛାତ୍ରୀମାନେ ପାଠ କରିବେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



'ବନ୍ଦେ ମାତରମ୍‌ର'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଜାନୁଆରୀ ୧୨ ତାରିଖରେ (ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ ଅବସରରେ) ଛାତ୍ରଛାତ୍ରୀମାନେ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରିବେ। ଏଥିସହ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ 'ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ' ପାଠ କରାଯିବ। ଏଥି ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଶିକ୍ଷାନୁଷ୍ଠାନମାନଙ୍କରେ ସାମୂହିକ ବନ୍ଦେ ମାତରମ୍ ଗାନ ନିମନ୍ତେ ରାଜ୍ୟବ୍ୟାପୀ 'ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ର ଆୟୋଜନ କରାଯାଉଛି। ରାଜ୍ୟର ସମସ୍ତ ଜିଲ୍ଲାକୁ ୫ଟି ମଣ୍ଡଳ – ଖଜୟପୁର ମଣ୍ଡଳଖ (କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି ଓ ନୂଆପଡ଼ା) ଖବ୍ରହ୍ମପୁର ମଣ୍ଡଳଖ (ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଏବଂ ନୟାଗଡ଼ ), ଖବାଲେଶ୍ୱର ମଣ୍ଡଳଖ (ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର), ଖସମ୍ବଲପୁର ମଣ୍ଡଳଖ (ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେଓଗଡ଼, ବରଗଡ଼, ବଲାଙ୍ଗୀର ଓ ସୁବର୍ଣ୍ଣପୁର) ଏବଂ ଖଭୁବନେଶ୍ୱର ମଣ୍ଡଳଖ (ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଏବଂ ଅନୁଗୁଳ)ରେ ବିଭକ୍ତ କରାଯାଇ 'ମଣ୍ଡଳ ସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ର ଆୟୋଜନ କରାଯାଇଛି।

ଗତ ୨୦୨୫ ମସିହା ଡିସେମ୍ବର ମାସ ୨୩, ୩୦ ଓ ୩୧ ତାରିଖରେ ଯଥାକ୍ରମେ ବ୍ରହ୍ମପୁର, ବାଲେଶ୍ୱର ଏବଂ ଜୟପୁର ମଣ୍ଡଳରେ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପ୍ତ ହୋଇଥିବା ବେଳେ ଜାନୁଆରୀ ୨, ୨୦୨୬ ରିଖରେ ସମ୍ବଲପୁର ଓ ଆଜି ଜାନୁଆରୀ ୩, ୨୦୨୬ ରିଖରେ ଭୁବନେଶ୍ୱର ମଣ୍ଡଳରେ ମଣ୍ଡଳ ସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପ୍ତ ହୋଇଛି।

ରାଜ୍ୟର ପ୍ରତ୍ୟେକ ବ୍ଲକ, ମହାନଗର ନିଗମ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୩ଜଣ ଶିକ୍ଷକ/ ଅଧ୍ୟାପକ (ବିଦ୍ୟାଳୟ ସ୍ତରରୁ ୨ଜଣ ଏବଂ ମହାବିଦ୍ୟାଳୟ /ବିଶ୍ୱବିଦ୍ୟାଳୟ ସ୍ତରରୁ ୧ଜଣ) ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇ ଏହି 'ମଣ୍ଡଳ ସ୍ତରୀୟ ବନ୍ଦେ ମାତରମ୍' ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ମଣ୍ଡଳ ସ୍ତରରେ ପ୍ରଶିକ୍ଷଣ ପ୍ରାପ୍ତ କରିଥିବା ପ୍ରଶିକ୍ଷାର୍ଥୀମାନେ ଆଗାମୀ ଦିନରେ ବ୍ଲକ/ ମହାନଗର ନିଗମ / ପୌର ପରିଷଦ /ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅନୁଷ୍ଠିତ ହେବାକୁ ଥିବା 'ପରିଷଦ ସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ' କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରୁ ମନୋନୀତ ହୋଇ ଆସିଥିବା ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ରାଜ୍ୟର ସମସ୍ତ ବ୍ଲକ/ ମହାନଗର ନିଗମ /ପୌର ପରିଷଦ /ବିଜ୍ଞାପିତ ଅଞ୍ଚଳ ପରିଷଦରେ 'ପରିଷଦ ସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଜାନୁଆରୀ ୧୦ ତାରିଖ ମଧ୍ୟରେ ସମାପ୍ତ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଏହାପରେ ଜାନୁଆରୀ ୧୨ ତାରିଖରେ (ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ ଅବସରରେ) ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରିବା ସହ 'ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ' ପାଠ କରିବେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ 'ଆତ୍ମନିର୍ଭର ଭାରତ ଆମ୍ବାସଡ଼ର' ଭାବେ ଜଣେ ବିଦ୍ୟାର୍ଥୀଙ୍କୁ ମନୋନୀତ କରାଯିବ ।ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏଥିସହ ଯୁଥ କ୍ଲବମାନଙ୍କରେ ମଧ୍ୟ 'ବନ୍ଦେ ମାତରମ୍' ଗାନ କରାଯିବ।

ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଭୁବନେଶ୍ୱର ମଣ୍ଡଳ ସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ର ଆୟୋଜନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୂରଜ ବନ୍ଦେ ମାତରମ୍‌ର ପୃଷ୍ଠଭୂମି ସମ୍ବନ୍ଧରେ ଆଲୋକପାତ କରିବା ସହ ଜାତୀୟ ଚେତନା ଏବଂ ଦେଶାତ୍ମବୋଧକ ଚିନ୍ତନରେ 'ବନ୍ଦେ ମାତରମ୍'ର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। 'ବନ୍ଦେ ମାତରମ୍' ସ୍ୱାଧୀନତା ଆନ୍ଦୋଳନର ସ୍ୱର ପାଲଟିଲା। ମା' ଭାରତୀର ଜୟଗାନ କରିବା ସହ ଆଜି ମଧ୍ୟ 'ବନ୍ଦେ ମାତରମ୍' ସମସ୍ତ ଦେଶବାସୀଙ୍କୁ ସାହସ ଓ ଶକ୍ତି ପ୍ରଦାନ କରିଥାଏ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ବିଶିଷ୍ଟ ସମାଜସେବୀ ଜଗଦୀଶ ପ୍ରସାଦ ଖାଡ଼ଙ୍ଗ, ସଙ୍ଗୀତଜ୍ଞ ରଜନୀ କାନ୍ତ ମହାପାତ୍ର, ଯାମିନୀ କାନ୍ତ ମିଶ୍ର, ବନ୍ଦେ ମାତରମ୍ ମୁଖ୍ୟ ପ୍ରଶିକ୍ଷକ ନିରଞ୍ଜନ ପଣ୍ଡା, ଦୀପକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବେଦାନ୍ତ ଲାଞ୍ଜିଗଡ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ସଂଗ୍ରହ ହେଲା ୨୪୭ ୟୁନିଟ୍ ରକ୍ତ



ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିକଟରେ ଭବାନୀପାଟଣାର ଓଡ଼ିଶା ବ୍ଲଡ ବ୍ୟାଙ୍କ ସହଯୋଗରେ ଲାଞ୍ଜିଗଡ଼ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଛି। ଏଥିରେ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଏବଂ ସ୍ଥାନୀୟ ଲୋକମାନେ ଉତ୍ସାହଜନକ ଭାବେ ଅଂଶଗ୍ରହଣ କରିଥିବାବେଳେ ମାତ୍ର ଏକ ଦିନରେ ମୋଟ ୨୪୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅଭିଯାନ କଳାହାଣ୍ଡି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଏବଂ ରୋଗୀ ସେବାକୁ ମଜବୁତ କରିବା ପାଇଁ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

ବେଦାନ୍ତ ଆଲୁମିନା ବିଜନେସର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଏହି ସଫଳ ରକ୍ତଦାନ ଅଭିଯାନ ଆମର ମୂଳ ଦର୍ଶନର ଏକ ପ୍ରମାଣ, ଲୋକମାନଙ୍କର ସ୍ୱାସ୍ଥ୍ୟ ହେଉଛି ଏହି ଅଞ୍ଚଳର ସମ୍ପଦ। ସମ୍ପ୍ରଦାୟ ପ୍ରତି ପ୍ରତିବଦ୍ଧତା ଆମର କାର୍ଯ୍ୟକ୍ଷେତ୍ର ସୀମା ବାହାରେ ମଧ୍ୟ ରହିଛି। ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତ୍ତିଭୂମିରେ ଜୀବନର ଗୁଣବତ୍ତା ବୃଦ୍ଧି କରିବା, ଓଡ଼ିଶାର ଆଦିବାସୀ କେନ୍ଦ୍ରସ୍ଥଳୀର ନିରନ୍ତର ପ୍ରଗତି ସୁନିଶ୍ଚିତ କରିବା ପାଇଁ ଆମେ ଉଦ୍ୟମ ଜାରି ରଖିଛୁ ।"

ବେଦାନ୍ତ ଲାଞ୍ଜିଗଡ଼ର ଗୋଷ୍ଠୀ ବିକାଶ ପ୍ରୟାସରେ ସ୍ୱାସ୍ଥ୍ୟସେବା ଏକ ମୂଳଦୁଆ ହୋଇ ରହିଛି। ଏହି ଅଞ୍ଚଳର ବେଦାନ୍ତ ହସ୍ପିଟାଲ୍ ବାର୍ଷିକ ୬୭,୦୦୦ ରୁ ଅଧିକ ଲୋକଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେଉଛି । ଏହାର ପ୍ରମୁଖ ପଦକ୍ଷେପ 'ପ୍ରକଳ୍ପ ଆରୋଗ୍ୟ' ମାଧ୍ୟମରେ, କମ୍ପାନୀ ୨୦୨୪-୨୫ ବର୍ଷ ରେ ୬୬୦ ରୁ ଅଧିକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲା, ଯାହା ଦୁର୍ଗମ ଗ୍ରାମଗୁଡିକରେ ୨୦,୫୦୦ ରୁ ଅଧିକ ଲୋକଙ୍କୁ ସେମାନଙ୍କ ଘର ଦୁଆର ପାଖରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲା। ନିରାକରଣ ସହିତ ସ୍ୱଚ୍ଛତା, ସୁସ୍ଥତା ଏବଂ ରୋଗ ପ୍ରତିରୋଧ ଉପରେ ୬୮୦ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା, ଯାହା ୧୫,୦୦୦ ଲୋକଙ୍କ ନିକଟରେ ପହଞ୍ଚିଥିଲା ଏବଂ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲା।

ବେଦାନ୍ତ ଲାଞ୍ଜିଗଡ଼ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ଏବଂ ଗ୍ରାମୀଣ ଭିତ୍ତିଭୂମିରେ ଏକ ଦାୟିତ୍ୱବାନ ବିକାଶ ସହଯୋଗୀ ଭାବରେ ସକ୍ରିୟ ଭୂମିକା ନିର୍ବାହ କରୁଛି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଗୁଡିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ସେମାନଙ୍କୁ ସାମାଜିକ-ଅର୍ଥନୈତିକ ପ୍ରଗତି ଆଡକୁ ଆଗେଇ ନିଏ, ଯାହା ସ୍ଥାୟୀ ବିକାଶ ସହିତ ଓଡ଼ିଶାର ଆଦିବାସୀମାନଙ୍କ ପାଇଁ ଏକ ସହଭାଗୀ ବାସ୍ତବତା ସୃଷ୍ଟି କରିଥାଏ।

# ସବୁ ଏନଏସିର ନୂତନ କାର୍ଯ୍ୟାଳୟ ପାଇଁ ପ୍ରଦାନ କରାଯାଇଛି ୬ କୋଟି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

୩୧ ଡିସେମ୍ବର ପୂର୍ବରୁ ୨୮ଟି ନୂଆ ଏନଏସି ପାଇଁ ଘୋଷଣା ହୋଇଛି। ଚୂଡାନ୍ତ ବିଜ୍ଞପ୍ତି ବାହାରିଛି। ନୂଆ ଏନଏସି ପାଇଁ ସମସ୍ତ ବିଡ଼ିଓ ମାନଙ୍କୁ ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ହସ୍ତାନ୍ତର ହୋଇଛି। ସବୁ ଏନଏସିର ନୂତନ କାର୍ଯ୍ୟାଳୟ ପାଇଁ ପାଇଁ ୬ କୋଟି, ରାସ୍ତା ପାଇଁ ୫୦ଲକ୍ଷ, ଲାଇଟ ପାଇଁ ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏନଏସି ରୁ ଉନ୍ନୀତ ହୋଇଥିବା ୭ଟି ମୁନିସିପାଲିଟି ପାଇଁ ମଧ୍ୟ ଅର୍ଥ ଦିଆଯାଇଛି। ସାନିଟେସନ, ଅଲୋକୀକରଣ ଭଳି ବିଭିନ୍ନ କାମ ପାଇଁ ଦେଢ଼ କୋଟି ଲେଖାଏଁ ପ୍ରଦାନ କରାଯାଇଛି। ପୁରୀକୁ ମହାନଗର ନିଗମ ମାନ୍ୟତା ମିଳିଛି। ପୁରୀକୁ ଅନ୍ତର୍ଜାତୀୟ ସହର କରିବାକୁ ଲକ୍ଷ୍ୟ ଅଛି। ନିକଟସ୍ଥ ବିଭିନ୍ନ ଅଞ୍ଚଳ ମିଶାଇକି କଳେବର ବଢ଼ିଛି। ପିକେଡିଏ ବଢ଼ିବ, ଟିପି ସ୍କିମ ହେବ। ମଲ୍ଟି ପରପଜ ମାର୍କେଟ କମ୍ପ୍ଲେକ୍ସ ହେବ। ପୁରୀକୁ ଏକ ଆଦର୍ଶ, ସୁନ୍ଦର ସହର କରିବାକୁ ଲକ୍ଷ୍ୟ ରହିଛି। ସାନିଟସନ ପାଇଁ ୨କୋଟି, କଳେବର ବଢ଼ିବା ପାଇଁ ୨ କୋଟି, ଲାଇଟ ପାଇଁ ୧ କୋଟି ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଆଉ ପଇସା ଦିଆଯିବ। ପୁରୀ,କଟକ, ପାରାଦୀପ ଇକୋନୋମିକ ରିଜନ ହେବ। ବୃହତ ଭୁବନେଶ୍ୱର ପରିକଳ୍ପନା କରାଯାଇଛି। ଡିସେମ୍ବର ୩୧ରେ ଡ୍ରାଫ୍ଟ ନୋଟଫିକେସନ ହେଇଛି। ୨୬ଟି ରାଜସ୍ୱ ଗ୍ରାମ, ୭ଟି ପଂଚାୟତ ଭୁବନେଶ୍ୱରରେ ମିଶ୍ୱି। ସିଜୁଆ, ସିଜିପୁଟ, ସହଜପୁର, ବିଜିପୁର, ତମାଣ୍ଡୋ, ବେଗୁନିଆ, ଶିଶୁପାଳଗଡ଼, କେସୁରା, ବାଙ୍କୁଆଳ, ରଘୁନାଥପୁର, ଲିଙ୍ଗିପୁର, ଚୁନକୋଳି ଭଳି ୨୬ଟି ଗାଁ ମିଶିବ ଭୁବନେଶ୍ୱର। ଗ୍ରେଟର ବ୍ରହ୍ମପୁରରେ ୨୬ଟି ଗାଁ ସାମିଲ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# ଲୋକସେବା ଭବନରେ ରିଲ୍ସ କରିବା ଘଟଣା : ଜାରି ହେଲା କଡ଼ା ନିର୍ଦ୍ଦେଶନାମା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଲୋକସେବା ଭବନରେ ସରକାରୀ ଅଧିକାରୀ ରିଲସ କରିବା ଘଟଣା। ଗୃହ ବିଭାଗ ଜାରି କଲା କଡା ନିର୍ଦ୍ଦେଶ ନାମା। ଲୋକ ସେବା ଭବନରେ ଏଣିକି ଅଧିକାରୀ, ଠିକା କର୍ମଚାରୀ, ପରିଦର୍ଶକ କରି ପାରିବେନି ରିଲସ,ଭିଡ଼ିଓ। ଫଟୋ ଓ ଭିଡ଼ିଓ ବି ସୋସିଆଲ ମିଡିଆରେ ଶେୟାର କରିପାରିବେନି। ନିୟମ ଉଲଂଘନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି।

# ସ୍ୱାଗତମ ୨୦୨୬: ଆନନ୍ଦ ଉଲ୍ଲାସରେ ନୂଆବର୍ଷ ସେଲିବ୍ରେସନ, ବାଲୁକା କଳାରେ ବିଶ୍ୱଶାନ୍ତି ବାର୍ତ୍ତା

ପୁରୀ, ନ୍ୟୁଜ ବ୍ୟୁରୋ




ବିଦାୟ ନୋଇଛି ୨୦୨୫ । ମନରେ ଉତ୍ସାହ, ଆକାଂକ୍ଷା ଓ ଉଦ୍ଦୀପନା ନେଇ ଉଦୟ ହୋଇଛି ୨୦୨୬ ମସିହାର ପ୍ରଥମ ସୂର୍ଯ୍ୟ । ବିଗତ ବର୍ଷର ଦୁଃଖ ପ୍ରତିଘାତକୁ ଭୁଲି ସଭିଏଁ ଏବେ ନବ ବର୍ଷକୁ ସ୍ୱାଗତ କରିବାରେ ବ୍ୟସ୍ତ । କେଉଁଠି ଆତସବାଜି ତ କେଉଁଠି ଭୋଜିଭାତର ଆସର ତ କେଉଁଠି ଜମୁଛି ନୃତ୍ୟଗୀତର ଆସର । ସଭିଏଁ ନିଜ ନିଜ ଷ୍ଟାଇଲ ଓ ଅନ୍ଦାଜରେ ନୂଆବର୍ଷକୁ ସ୍ୱାଗତ କରିଛନ୍ତି । ୨୦୨୬ ମସିହାକୁ ନିଜ ବାଲୁକା କଳାରେ ସ୍ୱାଗତ ଜଣାଇଛନ୍ତି ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ । ବାଲୁକାଶିଳ୍ପୀ ଏକ ୧୫ ଫୁଟ ଓସାର ବିଶିଷ୍ଟ ବାଲୁକା କଳା ନିର୍ମାଣ କରିଥିଲେ । ଇଂରାଜୀ ନବବର୍ଷ ୨୦୨୬କୁ ସ୍ୱଗତ ଜଣାଇ ଏହି ବାଲୁକା କଳାକୃତି ନିର୍ମାଣ କରିଛନ୍ତି । ସାରା ବିଶ୍ୱରେ ଶାନ୍ତିର ପ୍ରତିଷ୍ଠା ହେଉ ଓ ସମସ୍ତଙ୍କ ଜୀବନ ସୁଖ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ ବୋଲି ସେ କାମନା କରିଛନ୍ତି । ଏହି ବାଲୁକା କଳାରେ ୭ଟନର ବାଲୁକା ବ୍ୟବହାର କରାଯାଇଥିବା କୁହାଯାଇଛି। ଏହି କଳାକୃତି ନିର୍ମାଣ କରିବାକୁ ମାନସ କୁମାର ସାହୁଙ୍କୁ ୭ଘଣ୍ଟାର ସମୟ ଲାଗିଥିଲା ।


**OFFICE OF THE NOTIFIED AREA COUNCIL, BANPUR**
**Bid Reference No: E.O-N.A.C-BNR- 01/2025-26**
**Tender Call Notice No. 03 /Dt. 02.01.2026/**
**C-1984**

The Executive Officer on behalf of Banpur NAC invites percentage basis tender from the registered contractors in offline.

1. Type of Works : Civil construction works as in the D.T.C.N
2. Total No. of works : 20 Nos.
3. Tender Amount Cost : As per DTCN
4. Period of Completion : 90 days
5. Date and time of availability of Bid Documents in the office : From 11.00 A.M. of Dt. 05.01.2026 to 5.00 P.M. of Dt. 13.01.2026.
6. Date and time for submission of Original documents in office : 15.01.2026 from 11.00 A.M to 1.00 P.M.
7. Date & Time of Opening of Tender: Dt 15.01.2026 at 3.00 P.M.

Further amendments, corrigendum or other communication regarding this letter will be available by office notice and print media.

OIPR-13177/11/0011/2526

Sd/-
Executive Officer
Banpur NAC

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
Letter No. 18 / Dt. 02.01.2026
**GOVERNMENT OF ODISHA e-Procurement Notice**
Bid Identification No. on line SECMID- 27 /2025-26
eemidcuttack@yahoo.co.in
**A-1231**

1. Name of work :- Construction of Check Dams under MATY and MIPSP scheme in MI Sub-Division Athagarh and Baramba.
2. Total Number of work :- 03 (Three) nos.
3. Estimated cost :- Various from 78.12 to 90.42 lakhs
4. Tender paper Cost(Online) :- Rs.10,000/-
5. Bid Security (Online) :- As per DTCN
6. Period of Completion :- As per DTCN
7. Availability of Bid Document :- From 06.01.2026, 10.00 AM to 16.01.2026, 5.00 PM in website (www.tendersorissa.gov.in)
8. Last date & Time of receipt :- 16.01.2026 at 5.00 PM through online Bid .
9. Date of opening of Technical Bid documents : - 17.01.2026at 11.00 A.M in the office of the SE, M.I. Division, Cuttack.
10. Date of opening of Financial Bid Documents :- 21.01.2026 at 11.00 A.M in the office of the SE, M.I. Division, Cuttack.
11. Date of Lottery, if required :- 28.01.2026 at 12.00 Noon in the office of the SE, M.I. Division, Cuttack
12. Name and address of the OIT :- Superintending Engineer, M.I. Division, Cuttack. P.O :- Nayabazar, Cuttack. Phone :- 0671-2443622 PINCODE :- 753004

Further details can be seen from the Government of Odisha Web-Sitewww.tendersorissa.gov.in

OIPR-32121/11/0054/2526

Superintending Engineer
M.I.Division, Cuttack

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR.**
**'e' Procurement Notice**
**Bid Reference No. SE MID SBP 14/2025-26**
eemisbp@yahoo.co.in
**No. 03// MID // date. 01.01.2026**

Phone No.(0663)-2412791
E-mail : eemisbp@yahoo.co.in
**A-1223**

1 Name of the works :- Civil construction works.
2 No of Works :- 01 (One) No.
3 Estimated cost :- For 01 No. of work (Rs. 76.58 Lakh).
4 Tender paper cost :- Referred to DTCN
5 Period of completion :- Referred to DTCN
6 Date and Time of availability of bid documents in the portal :- From dt. 05.01.2026 at 11.00 AM to dt.15.01.2026 up to 5.30 PM.
7 Last date / time of receipt of bids in the portal :- Dt. 15.01.2026 up to 5.30 PM
8 Date of opening of Technical Bid (Cover-):- Dt.16.01.2026 at 11.00 AM onwards
9 Name and address of the OIT :- Superintending Engineer, Minor Irrigation Division, Sambalpur.
10 Further details can be seen from the e-Procurement market place http://tendersodisha.gov.in

OIPR-32036/11/0036/2526

Superintending Engineer
M.I.Division, Sambalpur

ଭୁବନେଶ୍ୱର
୦୪ ଜାନୁଆରୀ,
ରବିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ପୌଷ ପୂର୍ଣ୍ଣିମା : ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଶ୍ରୀଜୀଉ



ପୁରୀ, ୩/୧ ନ୍ୟୁଜ ବ୍ୟୁରୋ
ଶନିବାର ପୌଷ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ପୁଷ୍ୟାଭିଷେକ ନୀତି ବା ଦେବାଭିଷେକ ନୀତି। ରତ୍ନସିଂହାସନରେ ରାଜରାଜେଶ୍ୱର ବେଶ ତଥା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀଜୀଉ । ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମନ୍ଦିରରେ ଏହି ପୁଷ୍ୟାଭିଷେକ ନୀତିଟି ଦ୍ୱାଦଶ ଯାତ୍ରାମାନଙ୍କ ମଧ୍ୟରୁ ଅନ୍ୟତମ। ପବିତ୍ର ପୌଷ ପୂର୍ଣ୍ଣିମାରେ ଶ୍ରୀଜୀଉଙ୍କ ସୁନାବେଶ ତାହା ସହ ମହାପ୍ରଭୁଙ୍କ ପୁଷ୍ୟାଭିଷେକ। ପୂରାଣ ଅନୁଯାୟୀ ଏହି ତିଥିରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଅଯୋଧ୍ୟା ରାଜସିଂହାସନରେ ଅଭିଷିକ୍ତ ହୋଇଥିଲେ। ପୌଷ ପୂର୍ଣ୍ଣିମା ଦିନ ରାମଚନ୍ଦ୍ର ଚଉଦବର୍ଷ ବନବାସ ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିବା ପୂର୍ବରୁ ତାଙ୍କର ରାଜାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ଏକ ସ୍ମୃତି ରୂପେ ଗ୍ରହଣକରି ପ୍ରତିବର୍ଷ ଏହିଦିନ ଦେବ ମନ୍ଦିର ମାନଙ୍କରେ ଠାକୁରମାନଙ୍କର ପୁଷ୍ୟାଭିଷେକ ହେଉଅଛି। ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ଅଭିଷେକୋତ୍ସବ ରାଜାଙ୍କ ଅଭିଷେକ ରୂପେ ପାଳିତ ହୁଏ । ସେଥିରେ ଶ୍ରୀଜଗନ୍ନାଥ, ବାଉଁଶ ପାତିଆ, କୁନ୍ଦ ଓ ରଜନୀଗନ୍ଧା ଫୁଲରେ ତିଆରି ପୁଷ୍ପଧନୁ ଓ ପୁଷ୍ପତୀର ସହିତ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଖଡ୍ଗ, ଢାଲ ଏବଂ ହଳ ଓ ମୂଷଳ ଧାରଣ କରିଥିଲେ। ଶ୍ରୀମନ୍ଦିର ଭିତରବେଢାରେ ଥିବା ପ୍ରତିହାରୀ ନିଯୋଗ କାର୍ଯ୍ୟାଳୟ ଗୃହ ସମ୍ମୁଖରେ କୋଠସୁଆଁସିଆଙ୍କ ଦ୍ୱାରା ଏକ ଯଜ୍ଞଶାଳା ନିର୍ମିତ ହୋଇଥିଲା। ପୂର୍ଣ୍ଣିମା ଦିନ ସକାଳଧୂପ ପୂଜା ବସିଥିବା ବେଳେ ଏଠାରେ ହୋମ କରାଯାଇଥିଲା। ଭିତରେ ସକାଳଧୂପ ଶେଷ ପରେ ପାଣିପଡ଼ିବା ପରେ କେବଳ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ମଇଲମ ହୋଇ ତଡ଼ପ ଉତ୍ତରୀ ଲାଗି କରାଯାଇଥିଲା। ପରେ ମହାସ୍ନାନ ପୂଜା ଠା' ହୁଏ। ଗତଦିନରେ ଅଧିବାସ ହୋଇଥିବା ଭୋଗମଣ୍ଡପ ଘରର ମୁଦ ଖୋଲାଯାଇ ରୋଷଘରୁ ନିଆଁ ଅଣାଯାଏ ଓ ସେଥିରେ ଘିଅକୁ ତରଳାଯାଇ କୁମ୍ଭମାନଙ୍କରେ ଥିବା ପାଣିରେ ମିଶାଯାଏ। ଟେରାବନ୍ଧା ପରେ ଭୋଗମଣ୍ଡପ ଘରଠାରୁ ଜଳଛେକ ଗରାବଡୁମାନେ ବାଘମୁହାଁ ବାନ୍ଧି ଘଣ୍ଟ ଛତା କାହାଳୀ ସହ ତଳିଛ ପ୍ରଧାନୀ ପଟୁଆରରେ ଆସି ଚାରିଥରେ ଚାରିଟି ପନ୍ତିରେ ରଖନ୍ତି ଏହା ପରେ ଶୀତଳ ଭୋଗ ଛେକ ଆସେ। ତା'ପରେ ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦଲାଗି କରନ୍ତି । ପୂଜାପଣ୍ଡା ଆସି ଷୋଡ଼ଶ ଉପଚାରରେ ପୂଜା କରନ୍ତି। ଭୋଗସରି ପାଣି ପଡ଼ିଲେ ପଣ୍ଡା, ପତି, ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରନ୍ତି। ମୁଦିରସ୍ତ ଫୁଲ ଶର ଆୟୁଧ ଲାଗି କରନ୍ତି। ପରେ ସେ ସିଂହାସନ ଉପରେ ଚାମର ଆଲଟ କରନ୍ତି। ତା'ପରେ ସିଂହାସନ ତଳେ ମଧ୍ୟ ଆଲଟ ଲାଗି ଓ ଘଷା ବିଡ଼ିଆ ଦହି ମଣୋହି କରନ୍ତି।

# ଧନୁଯାତ୍ରା ମହୋତ୍ସବରେ ରାଜ ଅତିଥି ହେଲେ ଉପ ମୁଖ୍ୟମନ୍ତ୍ରୀ

**ବରଗଡ, ୩/୧୨ ନ୍ୟୁଜ ବ୍ୟୁରୋ**
ଧନୁଯାତ୍ରା ମହୋତ୍ସବର ଦଶମ ଦିନରେ ମହାରାଜା କଂସଙ୍କ ଦରବାରକୁ ରାଜଅତିଥି ହୋଇ ଆସିଥିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ କହିଥିଲେ ଯେ ମାର୍ଚ୍ଚ ମାସ ଶେଷ ସୁଦ୍ଧା ମଣ୍ଡିରୁ ସମସ୍ତଙ୍କ ଧାନ ଉଠିବ। ରାସ୍ତାଘାଟ ଜାମ୍ କରି ପ୍ରତିବାଦ ନକରିବାକୁ ଅନୁରୋଧ କରିବା ସହ ସେ କହିଥିଲେ ଯେ ଜନତାଙ୍କ ସହ ସବୁବେଳେ ସରକାର ରହିଛନ୍ତି। ବରଗଡ଼ର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ସେହିପରି ମହାରାଜ କଂସଙ୍କ ଦରବାରରେ ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ ଯେ ରାଜ୍ୟର ପ୍ରତି ବ୍ଲକରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ କରାଯିବ। ପ୍ରତି ଗ୍ରାମପଞ୍ଚାୟତରେ କଲ୍ୟାଣ ମଣ୍ଡପ ତିଆରି ହେବ। ବରଗଡ଼ର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ରାଜ୍ୟ ସରକାର। ଅନ୍ୟତମ ରାଜଅତିଥି ଭାବେ ଯୋଗ ଦେଇଥିଲେ ଦୈନିକ ଖବରକାଗଜ 'ସମାଜ'ର ସମ୍ପାଦକ ତପନ ମିଶ୍ର। ଏହି ଅବସରରେ ଧନୁଯାତ୍ରାକୁ ନେଇ 'ସମାଜ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ମହରାଜ କଂସ ସମସ୍ତ ରାଜଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଳାକାର ଭତ୍ତାକୁ ବୃଦ୍ଧି କରାଯାଇଥିବାରୁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ କଂସ ମହାରାଜା। ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ।



## ଗ୍ରୀନ୍ ଷ୍ଟିକର ନୁହେଁ, ପ୍ରଦୂଷଣ ସାର୍ଟିଫିକେଟ୍ ବାଧ୍ୟତାମୂଳକ

# 'ଷ୍ଟିକର ନାହିଁ ତ ତେଲ ନାହିଁ', ଏହା ଏକ ଦାୟିତ୍ୱ : ସଚିବ

**ଭୁବନେଶ୍ୱର ୩।୧**
**ନ୍ୟୁଜ ବ୍ୟୁରୋ**
ଗ୍ରୀନ୍ ଷ୍ଟିକର ନୁହେଁ ପ୍ରଦୂଷଣ ସାର୍ଟିଫିକେଟ୍ ବାଧ୍ୟତାମୂଳକ । ଷ୍ଟିକର ନାହିଁ ତ ତେଲ ନାହିଁ, ଏହା ଏକ ଦାୟିତ୍ୱ। ପେଟ୍ରୋଲ ପମ୍ପରେ ଚାହିଁଲେ ନିଜସ୍ୱ ଇଚ୍ଛାରେ ଏହା କରିପାରିବେ କିନ୍ତୁ ନିୟମ ଭିତରେ ରହି ବିଭାଗର ପେଟ୍ରୋଲ କିମ୍ବା ଫୁଏଲ ସହ କୌଣସି ସଂପୃକ୍ତି ନାହିଁ। କେବଳ ଲୋକଙ୍କୁ ଆକଟ ଓ ସତର୍କ କରାଇବାକୁ କୁହାଯାଇଛି । ଗାଡ଼ି ମାଲିକ ଓଡ଼ିଶା ବାହାରେ ଓ ଗାଡ଼ି ଓଡ଼ିଶାରେ ଥିଲେ ତାଙ୍କୁ ଅଥରାଇଜ ଲେଟର ଦେଇ ଷ୍ଟିକର ନେବେ। କିନ୍ତୁ କୌଣସି ସମସ୍ୟା ଥିଲେ ରିଭ୍ୟୁ ପରେ ବ୍ୟବସ୍ଥା କରାଯିବ। ଗ୍ରୀନ୍ ଷ୍ଟିକର ନୁହେଁ ପ୍ରଦୂଷଣ ସାର୍ଟିଫିକେଟ୍ ହେଉଛି ବାଧ୍ୟତାମୂଳକ। ଏଭଳି କହିଛନ୍ତି ପରିବହନ ବିଭାଗ ସଚିବ ଉଷା ପାଢ଼ୀ। ପରିବହନ ବିଭାଗ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଦୂଷଣ ସାର୍ଟିଫିକେଟ୍ ସମୟସୀମାକୁ ମଧ୍ୟ ବଢ଼ାଇଛନ୍ତି। ଲୋକଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଗ୍ରୀନ୍ ଷ୍ଟିକର କେବଳ ପ୍ରଦୂଷଣ ପାଇଁ ନୁହେଁ ଗାଡ଼ି ଇଞ୍ଜିନ କ୍ଲଚ୍ ଆଦି ସୁରକ୍ଷିତ ଅଛି ସେ ବିଷୟରେ ମଧ୍ୟ ସୂଚନା ଦେଇଥାଏ । କିନ୍ତୁ ଏହି ଗ୍ରୀନ୍ ଷ୍ଟିକର ବାଧ୍ୟତାମୂଳକ ନୁହେଁ । କିନ୍ତୁ ଏହାକୁ ଲଗାଇଲେ କେହି ଏନଫୋର୍ସମେଣ୍ଟ ଅଫିସର ଷ୍ଟିକର ଦେଖି ଜାଣିବେ ଆପଣଙ୍କୁ ଆଉ କେହି କିଛି ପଚାରିବେ ନାହିଁ । ଜାନୁଆରୀ ୧୦ ପରେ ଆରଟିଓରେ ମଧ୍ୟ ଏହି ଷ୍ଟିକର ମିଳିବ । ଗ୍ରୀନ ଷ୍ଟିକର ଯେକୌଣସି ସ୍ଥାନରୁ ନେଇପାରିବେ । ଟେଷ୍ଟିଂ ଏଜେନ୍ସି, ଆରଟିଓ ସବୁ ସ୍ଥାନରେ ପାଇବେ । କୌଣସି ନିୟମରେ କୌଣସି ଅସୁବିଧା ହେଲେ ଏହାକୁ ମଧ୍ୟ ବିଚାର କରାଯିବ। ଗାଡ଼ି ମାଲିକ ଗାଡ଼ିର ଦାୟିତ୍ୱ ବହନ କରିବା କଥା ଯେହେତୁ ତାଙ୍କ ନାଁରେ ହିଁ କାଗଜ ରହିଛି । ସେଥିପାଇଁ ମାଲିକଙ୍କ ଅଥରାଇଜ ଲେଟର ତାଙ୍କ ଅନୁପସ୍ଥିତିରେ ଦେବାକୁ କୁହାଯାଇଛି। କିନ୍ତୁ ଏଥିରେ ସମସ୍ୟା ହେଲେ ତାକୁ ମଧ୍ୟ ବିଚାରକୁ ନିଆଯିବ । ପେଟ୍ରୋଲ କିମ୍ବା ଫୁଏଲ ସହ ପରିବହନ ବିଭାଗର କୌଣସି ସମ୍ପର୍କ ନାହିଁ । କେବଳ ଲୋକଙ୍କୁ ସତର୍କ ପାଇଁ ଏଭଳି କୁହାଯାଇଛି । ଯାହା ନିୟମ ଅଛି ସେହି ଅନୁସାରେ ସମସ୍ତେ ଯିବାର କଥା । କିନ୍ତୁ ପେଟ୍ରୋଲ ପମ୍ପ ନିଜସ୍ୱ ଇଚ୍ଛାରେ ନିୟମ ଭିତରେ ରହି ଲୋକଙ୍କୁ ସତର୍କ କରାଇବା ପାଇଁ ଏପରି କରିପାରିବେ ବୋଲି ପରିବହନ ସଚିବ ଶ୍ରୀମତୀ ପାଢ଼ି କହିଛନ୍ତି ।

# ଅଚ୍ୟୁତ ସାମନ୍ତଙ୍କୁ ଜେଇସିଆରସି ବିଶ୍ୱବିଦ୍ୟାଳୟରୁ ୭୦ତମ ସମ୍ମାନସୂଚକ ଡକ୍ଟରେଟ୍




**ଭୁବନେଶ୍ୱର, ୩।୧୨**
**ନ୍ୟୁଜ ବ୍ୟୁରୋ**
ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ଜୟପୁରରେ ଥିବା ଜେଇସିଆରସି ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଜେଇସିଆରସି ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ ଅବସରରେ ଶନିବାର ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଡ. ସାମନ୍ତଙ୍କ ୭୦ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ବହୁ ବିଶିଷ୍ଟ ଅତିଥି ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଜେଇସିଆରସି ବିଶ୍ୱବିଦ୍ୟାଳୟର ଚେୟାରପର୍ସନ ଓ. ପି ଅଗ୍ରୱାଲ୍ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଜେଇସିଆରସି ଫାଉଣ୍ଡେସନ୍ ହେଉଛି ଏକ ୨୫ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନ। ଏଥିରେ ୨୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଏବେ ଅଧ୍ୟୟନ କରୁଛନ୍ତି। ଜେଇସିଆରସି ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ ଅବସରରେ ଡ. ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ଜେଇସିଆରସି ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ ପାଇଁ ଡ. ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ସମ୍ମାନ ପାଇଁ ଡ. ସାମନ୍ତ ଜେଇସିଆରସି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଡ. ସାମନ୍ତ କହିଛନ୍ତି।





ଭୁବନେଶ୍ୱର : ଜନନାୟକ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜନ୍ମ ଶତବାର୍ଷିକୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶତବାର୍ଷିକୀ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରୁଛନ୍ତି କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର। (ଫଟୋ : ସମ୍ବାଦ କଳିକା)

# ଫେବୃୟାରୀ ପର୍ଯ୍ୟନ୍ତ ବଢ଼ିଲା ହିତାଧିକାରୀଙ୍କ ଇ-କେୱାଇସି ଅବଧି



**ଭୁବନେଶ୍ୱର, ୩/୧ ନ୍ୟୁଜ ବ୍ୟୁରୋ**
ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନସ୍ଥ ସମସ୍ତ ହିତାଧିକାରୀମାନଙ୍କ ଆଧାର ଭିତ୍ତିକ ଇ-କେୱାଇସି କରିବା ପ୍ରକ୍ରିୟାର ଅବଧି ବୃଦ୍ଧି କରାଯାଇଛି । ଏହି ଅବଧିକୁ ରାଜ୍ୟ ସରକାର ଆସନ୍ତା ୨୦୨୬ ଫେବୃୟାରୀ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ହିତାଧିକାରୀମାନେ ସେମାନଙ୍କ ଆଧାର ସଂଯୁକ୍ତ ଇ-କେୱାଇସି ରାଜ୍ୟର ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ) ଅନ୍ତର୍ଗତ ସମସ୍ତ ୧୧, ୭୨୫ ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ ଓ ୬୪ ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ଼ ପରିଚାଳନା କେନ୍ଦ୍ର ଗୁଡ଼ିକରେ କରିପାରିବେ । ଏତଦବ୍ୟତୀତ କୌଣସି କାରଣ ବଶତଃ ଅଦ୍ୟାବଧି ଇ-କେୱାଇସି କରି ପାରିନଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପିଡ଼ିଏସ ସାମଗ୍ରୀ ପୂର୍ବବତ ଆବଣ୍ଟିତ କରାଯାଉଅଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ । ଆସନ୍ତା ଫେବୃୟାରୀ ମାସ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ କିମ୍ବା ରାସନ କାର୍ଡ଼ ପରିଚାଳନା କେନ୍ଦ୍ରକୁ ଯାଇ ଆଧାର ସଂଯୁକ୍ତ ଇ-କେୱାଇସି କରାଇ ନେବାକୁ ସମ୍ପୃକ୍ତ ହିତାଧିକାରୀମାନଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।



**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସାଟେଲାଇଟ୍ ସର୍ଭେରୁ ଧରାପଡ଼ିଲା ନକଲି ଚାଷୀ

## ସମସ୍ତଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେବେ ସରକାର



**ଭୁବନେଶ୍ୱର ୦୩।୧୨**
**ନ୍ୟୁଜ ବ୍ୟୁରୋ**
ସାଟେଲାଇଟ୍ ସର୍ଭେରୁ ଧରାପଡ଼ିଲା ନକଲି ଚାଷୀ । ଇନପୁଟ୍ ସବ୍‌ସିଡି ଲୋଭରେ ଧାନ ବିକିବାକୁ ପଞ୍ଜିକୃତ କରିଛନ୍ତି ମାଲ ମାଲ ଚାଷୀ । ଏହି ସବୁ ନକଲି ଚାଷୀଙ୍କୁ ସରକାର କାରଣ ଦର୍ଶାଅ ନୋଟିସ୍ ଦେବେ ବୋଲି ଜଣାପଡିଛି। ସମବାୟ ବିଭାଗର ତଥ୍ୟ ଅନୁସାରେ, ୨୫ ଲକ୍ଷ ପ୍ଲଟର ସାଟେଲାଇଟ୍ ସର୍ଭେରୁ ସାମ୍ନାକୁ ଆସିଛି ୧୯ ଲକ୍ଷ ଫେକ୍ ପ୍ଲଟ । ଯେଉଁ ଜମିରେ ହେଉନି ଧାନ ଚାଷ । ତଥ୍ୟ କହୁଛି ଧାନ ବିକ୍ରି ପାଇଁ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୦ଟି ଜିଲ୍ଲାର ୨୬ ଲକ୍ଷ ୧୪ ହଜାର ୧୩୭ଟି ପ୍ଲଟ ପଞ୍ଜିକୃତ ହୋଇଥିବା ବେଳେ ୨୪ ଲକ୍ଷ ୯୪ ହଜାର ୪୩୭ଟି ପ୍ଲଟର କ୍ଷେତ୍ରୀୟ ସର୍ବେକ୍ଷଣ ଶେଷ ହୋଇଛି। ସେଥିରୁ ୫ ଲକ୍ଷ ୪୬ ହଜାର ୫୯୧ଟି ପ୍ଲଟରେ ଧାନଚାଷ ହେଉଥିବା ପ୍ଲଟ ଭାବେ ଚିହ୍ନଟ କରାଯାଇଥିବା ବେଳେ ପାଖାପାଖି ୧୯ ଲକ୍ଷ ପ୍ଲଟରେ ଧାନ ଚାଷ ହେଉନଥିବା ଜଣାପଡିଛି । ଧାନଚାଷ ହେଉଥିବା ପ୍ଲଟ ଭାବେ ଦର୍ଶାଇଥିବା ଚାଷୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ସମସ୍ତ ଉପନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ଜାଲ୍ ଚାଷୀ ଧରାପଡିବା ନେଇ ପିସିସି ସଭାପତିଙ୍କ ଚେତାବନୀ

**ଭୁବନେଶ୍ୱର, ୩/୧ ନ୍ୟୁଜ ବ୍ୟୁରୋ**
ସାଟେଲାଇଟ୍ ସର୍ଭେରୁ ଜାଲ ଚାଷୀ ଧରାପଡିବା ପ୍ରସଙ୍ଗରେ ଚେତାବନୀ ଦେଇଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ଏହି ପ୍ରସଙ୍ଗରେ କଂଗ୍ରେସ ପ୍ରତି ଜିଲ୍ଲାରେ ଆନ୍ଦୋଳନ କରିବ ବୋଲି କହିଛନ୍ତି । ସେ କହିଛନ୍ତି ସରକାର ସାଟେଲାଇଟ ସର୍ଭେ କରିବାକୁ ଯାଉଛନ୍ତି । ସରକାରଙ୍କ ପାଖରେ କୃଷି ବିଭାଗ ଅଛି । ଜିଲ୍ଲା ସ୍ତରରୁ ନେଇ ବ୍ଲକ ପର୍ଯ୍ୟନ୍ତ କୃଷି ଅଧିକାରୀମାନେ ଅଛନ୍ତି । ଗାଁ ଗାଁରେ ଆରଆଇମାନେ ଅଛନ୍ତି । ସେମାନଙ୍କ ପାଖରେ ରିପୋର୍ଟ ନାହିଁ କି ? ଯଦି ନାହିଁ ଏହାର ଅର୍ଥ ରାଜ୍ୟରେ ସରକାର ନାହିଁ । ଏହାସହ ପିସିସି ସଭାପତି କହିଛନ୍ତି ଯେ, କୃଷି ବିଭାଗ ଓ ରାଜସ୍ୱ ବିଭାଗ କାମ କରୁ ନାହିଁ । ସରକାର ସାଟେଲାଇଟ କଥାକୁ ସତ ମାନୁଛନ୍ତି । ମୁଁ ବୁଝି ପାରୁ ନାହିଁ ଅଫିସର କାହିଁକି ଦରମା ନେଉଛନ୍ତି । ଗୋଦାମ ଖାଲି ନାହିଁ, ମିଲରଙ୍କଠାରୁ ଆରମ୍ଭ କରି ସରକାରୀ ଗୋଦାମ ଖାଲି ନାହିଁ । ଏମାନେ ଧାନ କିଣି ପାରୁ ନାହାନ୍ତି । ୩୧୦୦ ଟଙ୍କା ଦେଇ ପାରୁ ନାହାନ୍ତି, ତେଣୁ ଚାଷ ହୋଇ ନଥିବା କଥା କହୁଛନ୍ତି । କଂଗ୍ରେସ ଏହାକୁ ନେଇ ଆନ୍ଦୋଳନ କରିବ। ଏହାରି ଭିତରେ ବରଗଡରେ ଚାଷୀଙ୍କୁ ନେଇ ବଡ଼ ଆନ୍ଦୋଳନ ହେବ । ଆଗକୁ ପ୍ରତ୍ୟେକ ଜିଲ୍ଲାରେ ଚାଷୀ ଆନ୍ଦୋଳନ ହେବ ବୋଲି ପିସିସି ସଭାପତି କହିଛନ୍ତି ।

# ଜବରଦଖଲରେ ଭଁରାନିଜିଗଡ଼ ଜଙ୍ଗଲ: ବିଲୁପ୍ତ ହୋଇଚାଲିଛନ୍ତି ଜୀବଜନ୍ତୁ



**ବାଲିପାଟଣା, ୩/୧**
**ନ୍ୟୁଜ ବ୍ୟୁରୋ**
ବିଲୁପ୍ତ ପଥରେ ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକର ଏକମାତ୍ର ସଂରକ୍ଷିତ ଭଁରାନିଜିଗଡ଼ ଜଙ୍ଗଲ । ଏହି ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ଜଙ୍ଗଲର ବିନାଶ ହୋଇଚାଲିଛି । ଅବାଧରେ ଗଛ କଟା ଚାଲିଥିବାବେଳେ ଅନେକ ଜୀବଜନ୍ତୁ ବିଲୁପ୍ତ ହୋଇଚାଲିଛନ୍ତି। ସେପଟେ ବିଭାଗୀୟ ଅଧିକାରୀମାନଙ୍କର ବିକାଶ ହେଉଛି । ଜଙ୍ଗଲର ସୁରକ୍ଷା ଆଳରେ ଲକ୍ଷାଧିକ ଟଙ୍କା ଚଳୁ ହେଉଛି । ଏନେଇ ସ୍ଥାନୀୟ ଲୋକେ ଓ ପରିବେଶ ପ୍ରେମୀ ବହୁବାର ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ ଶୁଣିବାକୁ କେହି ନାହିଁ । ପ୍ରାୟ ଦୁଇଶହ ହେକ୍ଟର ପରିସୀମା ବିଶିଷ୍ଟ ଭଁରାଗଡ଼ ସଂରକ୍ଷିତ ଜଙ୍ଗଲ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ଏକ ଶହ ଏକରରୁ ଅଧିକ ଜଙ୍ଗଲଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। କେଉଁଠି ପକ୍କାଘର ନିର୍ମାଣ ହୋଇଛି ତ ଆଉ କେଉଁଠି ବାଡ଼ ବୁଲିଗଲାଣି । କେତେକ ଜଙ୍ଗଲଜମିରେ ଆଖୁଚାଷ ଚାଲିଛି । ଦିନକୁ ଦିନ ଏହି ଦଖଲ ବଢ଼ିଚାଲିଥିଲେ ମଧ୍ୟ ଜଙ୍ଗଲ ବିଭାଗର ଦୃଷ୍ଟି ନାହିଁ । ନାମକୁମାତ୍ର ଜଙ୍ଗଲ ମଧ୍ୟରେ ରହିଛି ଏକ ବିଟ୍ ହାଉସ। ଏଠାରେ ୪ଜଣ କର୍ମଚାରୀ ନିଯୁକ୍ତ ଅଛନ୍ତି। ହେଲେ ଜଙ୍ଗଲକୁ ସୁରକ୍ଷା ଦେବାରେ ସେମାନେ ଅସମର୍ଥ। ନାଁ ହେଉଛି ବାଲିପାଟଣା ରେଞ୍ଜ ଅଫିସ । ହେଲେ ପରିତାପର ବିଷୟ ୨୦ବର୍ଷରୁ ଅଧିକ ହେଲା ତାହା ବାଳକାଟିରେ ଚାଲିବା ପରେ ଏବେ ବାଳକାଟି ନିକଟ ପଞ୍ଚାୟତ ରୋଡରେ ନୂଆ ଘର ହୋଇ ସେଠାରେ ଚାଲିଛି । କେଉଁ କାରଣରୁ ବାଲିପାଟଣା ଅଫିସ ବାଳକାଟି ଅଞ୍ଚଳରେ ଚାଲୁଛି ତାହା ବୁଝାପଡୁନି । ସ୍ଥାନୀୟ ଲୋକଙ୍କ କହିବା କଥା ବାବୁମାନଙ୍କୁ ଭୁବନେଶ୍ୱର ଯିବାଆସିବା ସୁବିଧା ହେବ ବୋଲି ସେଠାରେ ଅଫିସ କରାଯାଇଛି । ଏକଦା ଭଁରାଗଡ଼ ଜଙ୍ଗଲରେ ଅନେକ ବିରଳ ଜୀବଜନ୍ତୁ ଥିଲେ । ହେଟାବାଘଠାରୁ ଆରମ୍ଭ କରି ସାଳିଆପତନୀ, ଝିଙ୍କ, ବଜ୍ରକାପ୍ତା, ଶୃଗାଳ, ଠେକୁଆ, ବଣଭୁଆ ଓ ଭଳିକି ଭଳି ସରିସୃପଙ୍କ ବାସସ୍ଥଳୀ ଥିଲା ଏହି ଜଙ୍ଗଲ । ଅନେକ ପ୍ରକାର ପକ୍ଷୀଙ୍କ କଳରାବରେ ଜଙ୍ଗଲ ପରିବେଶ ଗୁଞ୍ଜରିତ ହେଉଥିଲା । ମାତ୍ର ଏବେ ଅନେକ ଜୀବଜନ୍ତୁ ଦେଖିବାକୁ ମିଳୁନାହାନ୍ତି । ତଥାପି ଅନେକ ସଂଖ୍ୟାରେ ହରିଣ ଓ ହେଟା ଏହି ଜଙ୍ଗଲରେ ଥିବା ଗ୍ରାମବାସୀ କୁହନ୍ତି । ସେହିପରି ଶାଳ, ପିଆଶାଳ, କୁରୁମ, ସାଗୁଆନ, କେନ୍ଦୁ, ଗମ୍ଭାରୀ, କସି, ଫାଶୀ, ଆମ୍ବ ଓ ପଣସ ଆଦି ଗଛ ସବୁଜିମାରେ ଭରା ଏହି ଜଙ୍ଗଲର ଶୋଭାବର୍ଦ୍ଧନ କରୁଥିଲେ । ହେଲେ ବିଭାଗୀୟ ଅପାରଗତାରୁ ଏବେ ତାହା ପଦା ହେବାକୁ ବସିଲାଣି । ପ୍ରତ୍ୟହ ଦାମୀ ଗଛ ସବୁ କଟାଯାଇ ଏଠାରୁ ଚାଲାଣ କରାଯାଉଛି। ପୂର୍ବତନ ରେଞ୍ଜର ପ୍ରଶାନ୍ତ ପଣ୍ଡାଙ୍କ ଉଦ୍ୟମରେ ଯେଉଁ ଫାଶୀ ଓ ବାଉଁଶ ଜଙ୍ଗଲ କାୟା ବିସ୍ତାର କରିଥିଲା ତାଙ୍କ ପରେ ତାହା ପଦା ହେବାରେ ଲାଗିଛି। ପ୍ରତିବର୍ଷ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା । ବିଭିନ୍ନ ଯୋଜନାରେ ପ୍ରତିବର୍ଷ ଏହି ଜଙ୍ଗଲରେ ଚାରାରୋପଣ କରାଯାଉଛି । ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ଦର୍ଶାଯାଉଛି। ବନ ମହୋତ୍ସବ ପାଳନ ହେଉଛି । ପଥପ୍ରାନ୍ତ ବୃକ୍ଷରୋପଣ ନାମରେ ମଧ୍ୟ ଅର୍ଥ ଆସୁଛି । ହେଲେ ବାସ୍ତବତା ହେଲା ଓଲଟା। ବୃକ୍ଷରୋପଣ ଆଳରେ ଆସୁଥିବା ଅର୍ଥ ଚଳୁ ହେଉଛି । ବରିଷ୍ଠ ଅଧିକାରୀମାନଙ୍କ ଜାଣତରେ ଏସବୁ ଚାଲିଛି। ବନ ବିଭାଗ ପକ୍ଷରୁ ଏଠାରେ ଲୋକ ଦେଖାଣିଆ ଭାବେ ପାଳନ କରାଯାଉଛି ବିଶ୍ୱ ପରିବେଶ ଦିବସ । ପୂର୍ବତନ ବିଧାୟକ ଡ.ଅରବିନ୍ଦ ଢାଲି ୨୦୨୨ ଜୁଲାଇ ୨୬ରେ ବିଧାନସଭାରେ ଭଁରାଗଡ଼ ଜଙ୍ଗଲ ସମ୍ପର୍କରେ ପ୍ରଶ୍ନ କରିଥିଲେ । ଏହାର କ୍ଷେତ୍ରଫଳ କେତେ, କେତେ ଜଙ୍ଗଲଜମି ଜବରଦଖଲକାରୀ କବ୍‌ଜା କରିଛନ୍ତି ଓ ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ପଚାରିଥିଲେ । ଉତ୍ତରରେ ତତ୍କାଳୀନ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ ଅମାତ କହିଥିଲେ ଭଁରାଗଡ଼ ଜଙ୍ଗଲର କ୍ଷେତ୍ରଫଳ ୯୭.୫୯୨ହେକ୍ଟର । ସେଥିରୁ ୦.୮୩ ହେକ୍ଟର ସ୍ଥାନୀୟ ଲୋକେ ଜବରଦଖଲ କରି ଚାଷଜମି କରିଥିବା ବେଳେ ୬ଜଣ ଜବରଦଖଲକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇଛି। ମାମଲାର ଫଇସଲା ପରେ ଜବରଦଖଲ ଜମିରେ ବନୀକରଣ କରାଯିବ ବୋଲି ସେ କହିଥିଲେ । କିନ୍ତୁ ଇତିମଧ୍ୟରେ ୩ବର୍ଷ ବିତିଗଲାଣି ହେଲେ ମାମଲା ସମାଧାନ ହୋଇପାରୁନି । ସେପଟେ ମନ୍ତ୍ରୀ ଦର୍ଶାଇଥିବା ଜବରଦଖଲ ପରିମାଣରୁ ଢ଼େର ଅଧିକ ଜମି ଜବରଦଖଲ ହୋଇ ରହିଛି । ଇତିମଧ୍ୟରେ ସରକାର ବଦଳିଛି । ନୂଆ ବିଧାୟକ ଗତବର୍ଷ ବିଧାନସଭାରେ ସମାନ ପ୍ରଶ୍ନ କରିଥିଲେ। କିନ୍ତୁ ସେହି ପୁରୁଣା ଉତ୍ତର ମିଳିଥିଲା । ସରକାର ବିଶ୍ୱ ପରିବେଶ ଦିବସ ପାଳନ କରି ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା କଥା କହୁଥିବାବେଳେ ଭଁରାଗଡ଼ ଜଙ୍ଗଲର ସୁରକ୍ଷା କରିନପାରିବା ପରିତାପର ବିଷୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।